SEPTEMBER 15, 2026
TUESDAY, BHUBANESWAR

ସେପ୍ଟେମ୍ବର ୧୫, ୨୦୨୬
ମଙ୍ଗଳବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ
ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର

AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 13 ବର୍ଷ- ୨ ● ସଂଖ୍ୟା- ୧୩ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ

‘ଆଶୀର୍ବାଦ ଦୀପ’ ପ୍ରଜ୍ୱଳନ କରିବାକୁ ନିତିନ ନବୀନଙ୍କ ଆହ୍ୱାନ

ନୂଆଦିଲ୍ଲୀ, ୧୪/୦୯ : ଆସନ୍ତା ୧୭ ତାରିଖ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ପାଳିତ ହେବ । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନର ଶୁଭ ଅବସରରେ ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ଘରେ ‘ଆଶୀର୍ବାଦର ଦୀପ’ ପ୍ରଜ୍ୱଳନ କରିବାକୁ ଭାରତୀୟ ଜନତା ପାର୍ଟୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଆହ୍ୱାନ କରିଛନ୍ତି । ନିତିନ ନବୀନ ଏକ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି, ‘ଜନସେବା ହିଁ ରାଷ୍ଟ୍ରସେବା’ - ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୀବନର ମୂଳମନ୍ତ୍ର ରହିଆସିଛି । ଜନସେବା ଓ ରାଷ୍ଟ୍ର ନିର୍ମାଣର ସଂକଳ୍ପକୁ ନେଇ ସରକାରଙ୍କ

- ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ଘରେ ‘ଆଶୀର୍ବାଦର ଦୀପ’ ପ୍ରଜ୍ୱଳନ
- ଜନସେବା ଓ ରାଷ୍ଟ୍ର ନିର୍ମାଣରେ ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷର ସଫଳ ଯାତ୍ରାକୁ ସମ୍ମାନିତ
- ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରିବାକୁ ଅନୁରୋଧ

ମୁଖ୍ୟ ଭାବରେ ତାଙ୍କର ୨୫ ବର୍ଷର ଯାତ୍ରା ଅଭୂତପୂର୍ବ ଅଟେ। ପ୍ରଧାନମନ୍ତ୍ରୀଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଦେଶକୁ ଏକ ନୂତନ ଦିଗ ଏବଂ ନୂତନ ଶକ୍ତି ପ୍ରଦାନ କରିଛି। ଆଜି ତାଙ୍କ ଦ୍ୱାରା ଅନୁପ୍ରାଣିତ ସାମୂହିକ ସଂକଳ୍ପ ବଳରେ ଆମେ ‘ବିକଶିତ ଭାରତ-୨୦୪୭’ ଲକ୍ଷ୍ୟ ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛୁ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକାଳରେ ଦେଶ ଅନେକ କଠିନ ପରିସ୍ଥିତିର ସାମ୍ନା କରିଛି । ସେ ବିଷମ ପରିସ୍ଥିତିରେ ନୂତନ ନୀତି ଓ କାର୍ଯ୍ୟ ତିଆରି କଲେ, ଯାହା ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିଲା । ଦେଶର ଏହି ପ୍ରଗତିଶୀଳ ଯାତ୍ରା ଏବଂ ମୋଦୀଜୀଙ୍କ ଗୌରବମୟ ନେତୃତ୍ୱ ପାଇଁ ଶୁଭେଚ୍ଛା ଜଣାଇବା ଉଦ୍ଦେଶ୍ୟରେ, ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନର ଶୁଭ ଅବସରରେ ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ଘରେ ‘ଆଶୀର୍ବାଦର ଦୀପ’ ପ୍ରଜ୍ୱଳନ କରିବା ଏବଂ ତାଙ୍କର ଦୀର୍ଘାୟୁ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରି ହୃଦୟରୁ ଆଶୀର୍ବାଦ ପ୍ରଦାନ କରିବାକୁ ନିତିନ ନବୀନ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି ।

ବ୍ରିକ୍ସ ସମ୍ମିଳନୀର ଐତିହାସିକ ସଫଳତା

ବିଶ୍ୱକୁ ଶାନ୍ତି ଓ ପ୍ରଗତିର ନୂତନ ମାର୍ଗ ଦେଖାଇଛି: ମନମୋହନ ସାମଲ

ଭୁବନେଶ୍ୱର, ୧୪/୦୯: ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ସମ୍ମିଳନୀ କେବଳ ଭାରତ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ଅର୍ଥନୀତି ପାଇଁ ଏକ ଐତିହାସିକ ଅଧ୍ୟାୟ ସୃଷ୍ଟି କରିଛି । ଏହି ସଫଳ ଓ ଗୌରବମୟ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟବାସୀଙ୍କ ତରଫରୁ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ବସୁଧୈବ କୁଟୁମ୍ବକମ୍ ତଥା ହ୍ୟୁମାନିଟି ଫାଷ୍ଟ (ମାନବିକତା ପ୍ରଥମ) ନୀତି ଯୋଗୁଁ ଆଜି ବିଶ୍ୱ ଦରବାରରେ ଭାରତବର୍ଷର ସମ୍ମାନ ଓ ପ୍ରତିଷ୍ଠା ଶିର୍ଷରେ ପହଂଚିଛି । ଚଳିତ

- ପ୍ରଧାନମନ୍ତ୍ରୀଙ୍କୁ ମନମୋହନ ସାମଲଙ୍କ ଶୁଭେଚ୍ଛା
- ବିଶ୍ୱ ଦରବାରରେ ଭାରତର ଗୌରବ
- କୋରାପୁଟ କଫି ପାଇଁ ମୋଦିଙ୍କୁ ଧନ୍ୟବାଦ
- ବ୍ରିକ୍ସ ସଫଳତାରେ ଉଲ୍ଲସିତ ରାଜ୍ୟ ବିଜେପି

ବର୍ଷ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନୂଆଦିଲ୍ଲୀ ଘୋଷଣାନାମାର ସର୍ବସମ୍ମତ ଗ୍ରହଣ, ବିଶ୍ୱ ଅର୍ଥନୀତି, ଜଳବାୟୁ ପରିବର୍ତ୍ତନ ଏବଂ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ଆଭିମୁଖ୍ୟକୁ ସମଗ୍ର ବିଶ୍ୱ ସ୍ୱୀକାର କରିଛି । ଏହି ସମ୍ମିଳନୀରେ ସଫଳତା ପ୍ରମାଣିତ କରିଛି ଯେ, ଭାରତ କେବଳ ଗ୍ଲୋବାଲ ସାଉଥ୍‌ର ସର ସାଜିନାହିଁ, ବରଂ ବିଶ୍ୱକୁ ଶାନ୍ତି ଓ ପ୍ରଗତିର ଏକ ନୂତନ ମାର୍ଗ ଦେଖାଇଛି । ବ୍ରିକ୍ସ ସମ୍ମିଳନୀର ସଫଳତା ୧୪୦ କୋଟି ଦେଶବାସୀଙ୍କ ପାଇଁ ଏକ ଗୌରବର ବିଷୟ ବୋଲି ☞ପୃଷ୍ଠା-୫

ଭାରତରେ ‘କୃତ୍ରିମ ସୂର୍ଯ୍ୟ’ ନିର୍ମାଣ ଦିଗରେ ବଡ଼ ସଫଳତା

ନୂଆଦିଲ୍ଲୀ, ୧୪/୦୯ : ବିଜ୍ଞାନର ଅସମ୍ଭବକୁ ସମ୍ଭବ କରିବାର ଯାତ୍ରାରେ ଭାରତ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିବାକୁ ଯାଉଛି । ଗୁଜରାଟସ୍ଥିତ ପ୍ଲାଜ୍ମା ଗବେଷଣା ପ୍ରତିଷ୍ଠାନରେ ଥିବା ଏସ୍‌ଏସ୍‌ଟି-୧ ଟୋକାମାକ୍‌ରେ ନୂଆ ୮.୬ ଗିଗାହର୍ଜ ଓ ୪୦୦ କିଲୋୱାଟ୍ କ୍ଷମତାର ଏକ ଶକ୍ତିଶାଳୀ ଗାଇରୋଟ୍ରନ୍ ସ୍ଥାପନ କରାଯାଇଛି । ଏହା ମାଧ୍ୟମରେ ଦେଶରେ ଏକ ‘କୃତ୍ରିମ ସୂର୍ଯ୍ୟ’ ନିର୍ମାଣ କରିବାର ସପ୍ନ ସତ୍ୟ ହେବା ଦିଗରେ ଆଉ ପାଦେ ଆଗେଇଛି । ଏସ୍‌ଏସ୍‌ଟି-୧ର ଅର୍ଥ ହେଉଛି ‘ଷ୍ଟେଡି ଷ୍ଟେଟ୍ ☞ପୃଷ୍ଠା-୫

- ଗୁଜରାଟରେ ସ୍ଥାପିତ ହେଲା ନୂଆ ଶକ୍ତିଶାଳୀ ଗାଇରୋଟ୍ରନ୍
- ସୂର୍ଯ୍ୟଠାରୁ ୨୦ ଗୁଣ ଅଧିକ ତାପମାତ୍ରା ନିୟନ୍ତ୍ରଣ କରିବ ଏସ୍‌ଏସ୍‌ଟି-୧

ଆତ୍ମସମର୍ପଣ କଲେ ତରୁଣ ତେଜପାଲ

୨୦୧୩ ଦୁଷ୍କର୍ମ ମାମଲା: ୧୦ ବର୍ଷ ଜେଲଦଣ୍ଡ ଭୋଗିବେ

କୋଲଭାଲେସ୍ଥିତ କେନ୍ଦ୍ରୀୟ ଜେଲକୁ ଗଲେ

ପାଣାଜୀ:୧୪/୦୯ ଟଆଇନଗତ ଜଟିଳତା ଏବଂ ଦୀର୍ଘକାଳୀନ ଆଇନଗତ ଲଢ଼େଇର ଏକ ବଡ଼ ମୋଡ଼ରେ, ‘ତେହେଲକା’ର ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ତରୁଣ ତେଜପାଲ ଗୋଆର ମାପୁସାସ୍ଥିତ ଅତିରିକ୍ତ ସେସନ୍‌ସ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ବହୁଚର୍ଚ୍ଚିତ ୨୦୧୩ ମସିହାର ଏହି ଦୁଷ୍କର୍ମ ମାମଲାରେ ତାଙ୍କୁ ୧୦ ବର୍ଷର କଠୋର କାରାଦଣ୍ଡାଦେଶ ମିଳିଥିବା ବେଳେ ବର୍ତ୍ତମାନ ସେ ଏହି ଦଣ୍ଡ ଭୋଗିବା ପାଇଁ ଜେଲକୁ ଯାଇଛନ୍ତି। ଆତ୍ମସମର୍ପଣ ପ୍ରକ୍ରିୟା ଶେଷ ହେବା ପରେ ପୁଲିସ ତାଙ୍କୁ ହେପାଜତକୁ ନେଇ ଉତ୍ତର ଗୋଆର କୋଲଭାଲେସ୍ଥିତ କେନ୍ଦ୍ରୀୟ ଜେଲକୁ ପଠାଇ ଦେଇଛି। ତେଜପାଲଙ୍କୁ ଆତ୍ମସମର୍ପଣରୁ ଛାଡ଼ ଦେବା ପାଇଁ ଦାଖଲ ଆବେଦନକୁ ଅଗଷ୍ଟ ୨୫ରେ ସୁପ୍ରିମ୍‌କୋର୍ଟ ଖାରଜ କରିଥିଲେ। ତାଙ୍କୁ ୩ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରି ସାର୍ଟିଫିକେଟ୍ ଦାଖଲ ☞ପୃଷ୍ଠା-୫

ଗଁଦିଆର ୧୫ ମଣ୍ଡପରେ ଗଜାନନଙ୍କ ଆରାଧନା

ପୂଜାମଣ୍ଡପ ବୁଲି ଆଶୀର୍ବାଦ ନେଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଗଁଦିଆ, ୧୪/୯ (ବେତୁଜୀ ପ୍ରସାଦ): ଗଁଦିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଆୟୋଜିତ ଗଣେଶ ପୂଜାର ବିଭିନ୍ନ ମଣ୍ଡପ ପରିଦର୍ଶନ କରି ଗଜାନନଙ୍କ ଆଶୀର୍ବାଦ ନେଇଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସନ୍ଧ୍ୟାରେ ସେ ଅଞ୍ଚଳର ସମସ୍ତ ପୂଜାମଣ୍ଡପ ବୁଲି ଦେଖିବା ସହ ପୂଜା କମିଟିର କର୍ମକର୍ତ୍ତା ଓ ଶ୍ରଦ୍ଧାଳୁମାନଙ୍କ ସହ ଆଲୋଚନା କରିଥିଲେ।

ଗଁଦିଆରେ ଚଳିତ ବର୍ଷ ପ୍ରଥମଥର ପାଇଁ ଜେ.ଏନ୍.ଜି.ମାନଙ୍କ ପକ୍ଷରୁ ମହାସମାରୋହରେ ଗଣେଶ

ଏକାଠି ହେଲେ ପୁରାତନ ଛାତ୍ରଛାତ୍ରୀ

ପୂଜା ଆୟୋଜିତ ହୋଇଛି । ଏଥିପାଇଁ ଗତ ଦୁଇ ଦିନ ଧରି ପୂଜାମଣ୍ଡପଗୁଡ଼ିକୁ ଆକର୍ଷଣୀୟ ଭାବେ ସଜାଯିବା ସହ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା । ସକାଳ ପ୍ରାୟ ୧୦ଟାରୁ ବ୍ରାହ୍ମଣମାନଙ୍କ ଦ୍ୱାରା ବୈଦିକ ରୀତିନୀତି ଓ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଗଜାନନଙ୍କୁ ଆବାହନ କରାଯାଇଥିଲା । ଅପରାହ୍ନ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଜାରି ରହିଥିଲା । ଗଁଦିଆ ଅଞ୍ଚଳରେ ମୋଟ ୧୫ଟି ପୂଜାମଣ୍ଡପ ହୋଇଛି । ତାରିଣୀ ଛକରେ ୬ଟି, ବଣିଆପଡ଼ା ଛକରେ ୫ଟି, ଗଁଦିଆ ବସ୍‌ଷ୍ଟାଣ୍ଡରେ ୨ଟି ଏବଂ ହାଟ ଛକରେ ୨ଟି ମଣ୍ଡପ ନିର୍ମାଣ କରାଯାଇଛି । ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଶୋଭା ପାଉଥିବା ରଙ୍ଗୀନ ଆଲୋକମାଳା ଅଞ୍ଚଳର ପୂଜା ପରିବେଶକୁ ଆହୁରି ଆକର୍ଷଣୀୟ କରିଛି । ଏହି ଆୟୋଜନର ବିଶେଷତ୍ୱ ହେଉଛି, ☞ପୃଷ୍ଠା-୫

ନୂଆଁଖାଇ ଜୁହାର

ପଶ୍ଚିମ ଓଡ଼ିଶାର ମାଟି, ମଣିଷ ଓ ମହକର ଅନନ୍ୟ ପର୍ବ ନୂଆଖାଇ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ। ସମ୍ବଲପୁରର ମା’ ସମଲେଶ୍ୱରୀଙ୍କ ଆଶୀର୍ବାଦ ଓ ଚାଷୀ ଭାଇଭଉଣୀଙ୍କ ଅକ୍ଲାନ୍ତ ପରିଶ୍ରମରେ ଫଳିଥିବା ନୂଆ ଧାନର ସୁଗନ୍ଧରେ ଆଜି ପୁରିଉଠୁଛି ଆମ ଘର, ଆମ ମନ ଓ ଆମ ମାଟି।

ନୂଆଖାଇ କେବଳ ନୂଆ ଅନ୍ନ ଖାଇବାର ପର୍ବ ନୁହେଁ ଏହା ଏକତା, ଭାଇଚାରା, କୃଷକ ସମ୍ମାନ ଓ ମାଟି ପ୍ରତି କୃତଜ୍ଞତାର ପର୍ବ। ଏହି ପବିତ୍ର ଦିନରେ ଆମ ସମସ ଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ।

ଆମ ସମୃଦ୍ଧ ପରମ୍ପରା ଓ ସଂସ୍କୃତିକୁ ସାଥୀ କରି ବିକଶିତ ଓଡ଼ିଶା ଗଠନର ସଂକଳ୍ପ ଆହୁରି ଦୃଢ଼ ହେଉ।

କୃଷ୍ଣଚନ୍ଦ୍ର ପାତ୍ର
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା
ଓଡ଼ିଶା ସରକାର

ଅକ୍ଷର ବ୍ୟଙ୍ଗ ବିଚାର

ଡ.ଗିରୀଶ ରଂଜନ

ନୂଆ ଖାଇର ପରବ ଆଜି
ନୂଆ ଖାଇର ଜୁହାର
ପଶ୍ଚିମ ଓଡ଼ିଶାର ଗଣ ପର୍ବ
ସବୁ ତ ସେଇଠି ହାଜର
ଭୋଟ୍ ଉପରେ ନଜର
ନେତା ଖାଇବେ ନୂଆ ଖାନା
ସଭିଙ୍କୁ କରିକି ନିଜର

୧୯ ରୁ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁର ଲେଉଟାଣି

ଲଘୁଚାପ ଯୋଗୁଁ ଓଡ଼ିଶା ଓ ପୂର୍ବ ଭାରତରେ ବର୍ଷା ଜାରି

ନୂଆଦିଲ୍ଲୀ, ୧୪/୦୯ : ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଫେରିଯିବା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ଭାରତୀୟ ପାଣିପାଗ ବିଭାଗ (IMD) ର ସୂଚନା ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ୧୯ ତାରିଖ ଆଡ଼କୁ ଉତ୍ତର-ପଶ୍ଚିମ ଭାରତ ବିଶେଷ କରି ପଶ୍ଚିମ ରାଜସ୍ଥାନର କିଛି ଅଞ୍ଚଳରୁ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ପାଗ ଅନୁକୂଳ ହେଉଛି । ଓଡ଼ିଶାରୁ ସାଧାରଣତଃ ଅକ୍ଟୋବର ମାସର ଦ୍ୱିତୀୟ ସପ୍ତାହ ଆଡ଼କୁ ମୌସୁମୀ ସମ୍ପୂର୍ଣ୍ଣ ବିଦାୟ ନେଇଥାଏ । ଏବେ ଦେଶର ଉତ୍ତର-ପଶ୍ଚିମ ଭାଗରୁ ପ୍ରକ୍ରିୟା ଆରମ୍ଭ ହେଉଥିବାରୁ, ଓଡ଼ିଶାରୁ ଫେରିବା ପାଇଁ ଆହୁରି କିଛି ସମୟ ଲାଗିବ । ମୌସୁମୀ ଫେରିବା ପ୍ରକ୍ରିୟା ଆରମ୍ଭ ହେଉଥିଲେ ମଧ୍ୟ ବଙ୍ଗୋପସାଗରରେ ସକ୍ରିୟ ରହିଥିବା ଲଘୁଚାପ ବଳୟ ଯୋଗୁଁ ଓଡ଼ିଶା ସମେତ ପୂର୍ବ ଭାରତର ବିଭିନ୍ନ ସ୍ଥାନରେ ଏବେ ମଧ୍ୟ ବର୍ଷା ଜାରି ରହିଛି । କିଛି ଆଞ୍ଚଳିକ ପୂର୍ବାନୁମାନ ଅନୁଯାୟୀ, ଏ ବର୍ଷ ଏଲ୍ ନିନୋର ପ୍ରଭାବ କାରଣରୁ ମୌସୁମୀ ସାଭାବିକ ସମୟଠାରୁ ସାମାନ୍ୟ ଶୀଘ୍ର ବିଦାୟ ନେଇପାରେ, ଯାହା ଫଳରେ ଆଗକୁ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ଅଛି ।

ନୂଆଁଖାଇ ଜୁହାର

ମଙ୍ଗଳବାର ୧୫।୯।୨୦୨୬

ଅକ୍ଷର
AKHYARA ODISHA ଓଡ଼ିଶା

ବାର୍ତ୍ତା

ନିୟନ୍ତ୍ରିତ ବଜାର କମିଟୀ, ବରଗଡ଼

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ ଗଣପର୍ବ ''ନୂଆଁଖାଇ'' ଅବସରରେ ଅଞ୍ଚଳର ସମସ୍ତ ଚାଷୀ ଭାଇ-ଭଉଣୀମାନଙ୍କ ସୁଖ, ଶାନ୍ତି, ମୈତ୍ରୀ ଓ ସମୃଦ୍ଧି କାମନା କରିବା ସହ ଆଗାମୀ ଖରିଫ ଋତୁରେ ଚାଷୀ ଭାଇ-ଭଉଣୀମାନେ ନିଜର କଷ୍ଟରେ ଉପାର୍ଜିତ ବିକ୍ରିଯୋଗ୍ୟ ବଜାର ବଳକା ଧାନକୁ ବଜାର ପ୍ରାଙ୍ଗଣ/ଧାନ କ୍ରୟ କେନ୍ଦ୍ର ମାଧ୍ୟମରେ ବିକ୍ରୟ କରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ଦର (ଏମଏସପି) ଓ ଇନପୁଟ୍ ସହାୟତା ପାଇ ଲାଭବାନ ହେବାକୁ ନିବେଦନ କରୁଅଛି।

ବିଜୟ ରାଉତ
ଭାରପ୍ରାପ୍ତ ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟୀ, ବରଗଡ଼

ପ୍ରସନ୍ନ କୁମାର ପାଣ୍ଡେ,
ଓ.ପ୍ର.ସେ.(ଏସ୍‌ବି)
ଉପ-ଜିଲ୍ଲାପାଳ, ବରଗଡ଼
ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟୀ, ବରଗଡ଼



ବାର୍ତ୍ତା

ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଖଇରା

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ର ଶୁଭ ଅବସରରେ ପଶ୍ଚିମ ଓଡିଶା, ନୂଆପଡା ଜିଲ୍ଲା , ବୋଡେନ ବ୍ଲକ ତଥା ଖଇରା ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଖଇରା ଗ୍ରାମ ପଞ୍ଚାୟତ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସମେତ ସମସ୍ତ ୱାର୍ଡ ସଭ୍ୟ ଓ ସଭ୍ୟାଙ୍କ ତରଫରୁ ନୂଆଁଖାଇ ଜୁହାର। ପଞ୍ଚାୟତର ୨୦୨୫/୨୬ ଆର୍ଥିକ ବର୍ଷରେ ନିଆ ଯାଇଥିବା କେତୋଟି ବିଷୟ ଉପରେ ଆପଣଙ୍କ ଅବଗତି ନିମନ୍ତେ ଜଣାଉଛୁ।

୧. ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଭିନ୍ନ ହିତାଧାରୀଙ୍କୁ ଯୋଗାଇ ଦିଆଯାଇଛି। ଗୃହ
୨. ଗ୍ରାମପଞ୍ଚାୟତର ବିଭିନ୍ନ ପରିବାରଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ ସାମଗ୍ରୀ ଯୋଗାଣ କରାଯାଇଛି।
୩. ୧୯୧୬ରୁ ଉର୍ଦ୍ଧ୍ୱ ଜଣଙ୍କୁ ରାସନ କାର୍ଡ ଯୋଗାଇ ଦିଆଯାଇଛି।
୪. ୧୦୫୮ ରୁ ଉର୍ଦ୍ଧ ବୁଢା / ବୁଢ଼ୀ ଭତ୍ତା ଯୋଗାଇ ଦିଆଯାଇଛି।

ଗୁର୍ଜୁ ହଂସ
ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ

କୈଳାସ ଚନ୍ଦ୍ର ଦଳ
ସରପଞ୍ଚ,
ଗ୍ରାମ ପଞ୍ଚାୟତ, ଖଇରା

ବାର୍ତ୍ତା



ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଚିନ୍ଦାଗୁଡ଼ା

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇର ଶୁଭ ଅବସରରେ ପଶ୍ଚିମ ଓଡିଶା, ନୂଆପଡା ଜିଲ୍ଲା, ଖଡିଆଳ ବ୍ଲକ ତଥା ଚିନ୍ଦାଗୁଡା ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଚିନ୍ଦାଗୁଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସମେତ ସମସ୍ତ ୱାର୍ଡ ସଭ୍ୟ ଓ ସଭ୍ୟାଙ୍କ ତରଫରୁ ନୂଆଁଖାଇ ଜୁହାର। ପଞ୍ଚାୟତର ୨୦୨୫/୨୬ ଆର୍ଥିକ ବର୍ଷରେ ନିଆ ଯାଇଥିବା କେତୋଟି ବିଷୟ ଉପରେ ଆପଣଙ୍କ ଅବଗତି ନିମନ୍ତେ ଜଣାଉ ଉଛୁ।

୧. ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଭିନ୍ନ ହିତାଧାରୀଙ୍କୁ ଯୋଗାଇ ଦିଆଯାଇଛି।
୨. ଗ୍ରାମପଞ୍ଚାୟତର ବିଭିନ୍ନ ପରିବାରଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ ସାମଗ୍ରୀ ଯୋଗାଣ କରାଯାଇଛି।
୩. ୫୫୮ରୁ ଉର୍ଦ୍ଧ୍ୱ ଜଣଙ୍କୁ ରାସନ କାର୍ଡ ଯୋଗାଇ ଦିଆଯାଇଛି।
୪. ମୋଡେଲ ଟ୍ୟାଙ୍କ

ଦୀପା ବାଗ
ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ

ଜେମାମଣି ରଣା
ସରପଞ୍ଚ,
ଗ୍ରାମ ପଞ୍ଚାୟତ, ଚିନ୍ଦାଗୁଡା

ବାର୍ତ୍ତା

ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଖୁଦପେଜ

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ର ଶୁଭ ଅବସରରେ ପଶ୍ଚିମ ଓଡିଶା, ନୂଆପଡା ଜିଲ୍ଲା , ଖଡିଆଳ ବ୍ଲକ ତଥା ଖୁଦପେଜ ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଖୁଦପେଜ ଗ୍ରାମ ପଞ୍ଚାୟତ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସମେତ ସମସ୍ତ ୱାର୍ଡ ସଭ୍ୟ ଓ ସଭ୍ୟାଙ୍କ ତରଫରୁ ନୂଆଁଖାଇ ଜୁହାର। ପଞ୍ଚାୟତର ୨୦୨୫/୨୬ ଆର୍ଥିକ ବର୍ଷରେ ନିଆ ଯାଇଥିବା କେତୋଟି ବିଷୟ ଉପରେ ଆପଣଙ୍କ ଅବଗତି ନିମନ୍ତେ ଜଣାଉ ଉଛୁ।

୧. ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଭିନ୍ନ ହିତାଧାରୀଙ୍କୁ ଯୋଗାଇ ଦିଆଯାଇଛି।
୨. ଗ୍ରାମପଞ୍ଚାୟତର ବିଭିନ୍ନ ପରିବାରଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ ସାମଗ୍ରୀ ଯୋଗାଣ କରାଯାଇଛି।
୩. ରୁରାଲ ପାର୍କ, ରୁରାଲ ହାଟ, ସଚ୍ଛ ଭାରତ ଅଭିଯାନ, ଅକ୍ସିଜେନ ବ୍ୟାଙ୍କ
୪. ମୋଡେଲ ଟ୍ୟାଙ୍କ
୫. ବୁଢା / ବୁଢ଼ୀ ଭତ୍ତା ୯୫୫ ରୁ ଉର୍ଦ୍ଧ ଯୋଗାଇ ଯାଇଛି

ଖିରୋଦ ମେହେର
ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ

ଯୋଶଦା ଶତପଥୀ
ସରପଞ୍ଚ,
ଗ୍ରାମ ପଞ୍ଚାୟତ, ଖୁଦପେଜ

ବାର୍ତ୍ତା

ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ ଖଡ଼ିଆଳ, ନୂଆପଡ଼ା

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇର ଶୁଭ ଅବସରରେ ପଶ୍ଚିମ ଓଡ଼ିଶା, ନୂଆପଡ଼ା ଜିଲ୍ଲା, ସମସ୍ତ ଜନସାଧାରଣଙ୍କୁ ଲିଟିଲ ଷ୍ଟାର ଶିକ୍ଷକ / ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀଙ୍କ ତରଫରୁ ନୂଆଁଖାଇ ଜୁହାର। ୨୦୨୫/୨୬ ଆର୍ଥିକ ବର୍ଷରେ ନିଆ ଯାଇଥିବା କେତୋଟି ବିଷୟ ଉପରେ ଆପଣଙ୍କ ଅବଗତି ନିମନ୍ତେ ଜଣାଉ ଉଛୁ।

୧. ଚଳିତ ବର୍ଷ ଛାତ୍ରଛାତ୍ରୀ ସଫଳତାର ସହିତ ସୈନିକ ସ୍କୁଲ ଉତ୍ତିର୍ଣ୍ଣ ହେଇଛନ୍ତି
୨. ଜିଲ୍ଲା ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ପୁରସ୍କୃତ
୩. ମାଟ୍ରିକ ପରୀକ୍ଷା ରେ ୧୦୦% ମାର୍କ ସହିତ ଉତ୍ତିର୍ଣ୍ଣ ହେଇଛନ୍ତି
୪. ଶିଶୁ କେନ୍ଦ୍ରିକ ଶିକ୍ଷା ବ୍ୟବସ୍ଥା ର ସଫଳ ରୂପାୟନ
୫. ଆବାଶିକ ଶିକ୍ଷା ବ୍ୟବସ୍ଥା ଶ୍ରେଣୀ ଚତୁର୍ଥରୁ ଦଶମ

ଡାଇରେକ୍ଟର
ଗୋପାଳ ଚନ୍ଦ୍ର ଦାଶ

ସମ୍ପାଦକ
ସୁଦୀକ୍ଷୀତା ଦାଶ

ବିଦ୍ର : ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ ଖଡ଼ିଆଳ, ନୂଆପଡ଼ା

ଖଜୁରିଆକଟା ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା

ଖଜୁରିଆ କଟା ୧୪/୯(ନୀଳକଣ୍ଠ ଦାସ) ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୧୪ ତାରିଖ ଦିନ ବିଦ୍ୟାଦାତା ଶ୍ରୀଗଣେଶଙ୍କ ପୂଜା ରୀତିନୀତି ଅନୁଯାୟୀ ପାଳିତ ହୋଇଛି । ପୂଜାରେ ବିଜୟ କୁମାର ଆଚାର୍ଯ୍ୟ ପୂଜାର୍ଚ୍ଚନା କରି ଛାତ୍ର ଛାତ୍ରୀ ମାନଙ୍କର ଶୁଭ ମନାସି ଥିଲେ । ପୂଜା ମଣ୍ଡପ ଠାରେ ଗୁରୁଜୀ , ଗୁରୁମା, ଛାତ୍ର ଛାତ୍ରୀ , ପରିଚାଳନା କମିଟିର ସଦସ୍ୟ ଓ ଅନୁଷ୍ଠାନର ବହୁ ଶୁଭେଚ୍ଛୁ ଉପସ୍ଥିତ ରହି ଶ୍ରଦ୍ଧା ପୂର୍ବକ ପୁଷ୍ପାଞ୍ଜଳି ପ୍ରଦାନ କରିବା ସହିତ ପ୍ରସାଦ ସେବନ କରିଥିଲେ । ସେହିପରି ବିଭିନ୍ନ ଅନୁଷ୍ଠାନ ଯଥା ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିଆକଟା ସରକାରୀ ଉଚ୍ଚ ବିଦ୍ୟାଳୟ , ମେଡିକାଲ୍ ଛକ ଓ ଦଶହରା ପଡିଆ ଠାରେ ବିଦ୍ୟାଦତା ଶ୍ରୀଗଣେଶଙ୍କର ପୂଜା ଆନନ୍ଦ ସହକାରେ ପାଳନ କରାଯାଇଛି ।

ଖଟ ଯୋଗେ ବୋହା ହେଲା ମୃତ ଶବ

ସଡ଼କ ଦୁର୍ଘଟଣାରେ ଦୁଇ ଭାଇ ମୃତ

ପରଜଙ୍ଗ,୧୪।୯(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥରେ ରବିବାର ସନ୍ଧ୍ୟା ସମୟରେ ସଡକ ଦୁର୍ଘଟଣାରେ ତିନି ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ଦୁଇ ଭାଇଙ୍କ ମୃତ ଘଟିଛି । ସୂଚନା ମୁତାବକ ଆଖୁଆପାଳ ପଞ୍ଚାୟତର ଝରିପାଳ ବସ୍ତିର ଜୟଦେବ ସିଂହଙ୍କ ଦୁଇ ପୁଅ ରଞ୍ଜନ ଓ ଗଣେଶ୍ୱର ଏବଂ ଅଜୟ ମୁଣ୍ଡା ଘରକୁ ମୋଟରସାଇକେଲ ଯୋଗେ ଫେରୁଥିବା ସମୟରେ ଦଦରାଘାଟି ଜଳ ପ୍ରକଳ୍ପ ନିକଟରେ ସଡ଼କ ଦୁର୍ଘଟଣା ଘଟିଥିଲା । ମୋଟରସାଇକେଲ ସହ ତିନି ଜଣ ଯାକ ରାସ୍ତା ପାର୍ଶ୍ୱରେ ଥିବା ଲୁହା ସୁରକ୍ଷା ବାଡ଼ରେ ଯାଇ ବାଡେଇ ହୋଇଥିଲେ । ଖବର ପାଇ ସ୍ଥାନୀୟ ପୋଲିସ ଓ ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ତିନି ଜଣଙ୍କୁ ରୋଗୀ ବାହାକ ଯୋଗେ ତାଳଚେର ମଣ୍ଡାପାଳ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ସଂକଟାପନ୍ନ ସେଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜଣଙ୍କୁ କଟକ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଜୟଦେବ ସିଂହଙ୍କ ଦୁଇ ପୁଅଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ ଘଟିଥିଲା । ଉଭୟ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ପୋଲିସ ମାମଲା ରୁଜୁ କରି ଦୁର୍ଘଟଣା ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ଜାରି ରଖିଛି । ଗାଁରେ ଉଭୟଙ୍କ ମୃତ ଦେହ ପହଞ୍ଚିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଦୋମୁହାଁଣୀ ଠାରୁ ଝରଣାପାର ଯିବା ବାଟରେ ଗମ୍ଭୀରିଆ ନାଳ ର ଜଳ ସ୍ରୋତ ଥିବା ଯୋଗୁଁ ରୋଗୀ ବାହାକ ଗାଡି ଘର ପର୍ଯ୍ୟନ୍ତ ଯିବା ସମ୍ଭବ ହୋଇପାରିନାହିଁ । ଆତ୍ମୀୟ ସ୍ୱଜନ ମାନେ ଖଟ ଯୋଗେ ମୃତ ଦେହ କୁ ପ୍ରାୟ ଏକ କିଲୋମିଟର ରୁ ଉର୍ଦ୍ଧ୍ୱ ବାଟ ବୋହା କରି ନେବା ଘଟଣା ଅଞ୍ଚଳରେ ବିସ୍ମୟ ସୃଷ୍ଟି କରିଛି । ଉକ୍ତ ଆଦିବାସୀ ଅଧ୍ୟୁଷିତ ବସ୍ତି କୁ ସ୍ଥାୟୀ ରାସ୍ତା ସାଙ୍ଗକୁ ନାଳ ଉପରେ ପୋଲ ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ବିଫଳ ହୋଇପଡିଛି । ଏହି ଘଟଣା କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେଇ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ସଡକ ଦୁର୍ଘଟଣାରେ ତିନି ଜଣ ଗୁରୁତର

ପରଜଙ୍ଗ,୧୩।୯(ଅକ୍ଷର ଓଡ଼ିଶା): ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅନ୍ତର୍ଗତ ୧୪୯ ନମ୍ବର ଜାତୀୟ ରାଜପଥରେ ରବିବାର ସନ୍ଧ୍ୟା ସମୟରେ ସଡକ ଦୁର୍ଘଟଣାରେ ତିନି ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ସୂଚନା ମୁତାବକ ଆଖୁଆପାଳ ପଞ୍ଚାୟତର ଝରାପାଳ ବସ୍ତିର ଜୟଦେବ ସିଂହଙ୍କ ଦୁଇ ପୁଅ ରଞ୍ଜନ ସିଂହ, ଗଣେଶ୍ୱର ସିଂହ ଓ ବୁରୀ ମୁଣ୍ଡା ଙ୍କ ପୁଅ ଅଜୟ ମୁଣ୍ଡା ଏକ ମୋଟର ସାଇକେଲ ଯୋଗେ ଘରକୁ ଫେରୁଥିବାବେଳେ ଦଦରାଘାଟି ଜଳ ପ୍ରକଳ୍ପ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ଫଳରେ ମୋଟରସାଇକେଲରେ ଆସୁଥିବା ତିନି ଜଣ ରାସ୍ତା ପାର୍ଶ୍ୱରେ ଥିବା ଲୁହା ସୁରକ୍ଷା ବାଡାରେ ଯାଇ ବାଡେଇ ହୋଇଥିଲେ । ଖବର ପାଇ ସ୍ଥାନୀୟ ପୋଲିସ ଓ ଲୋକେ ଘଟଣାସ୍ଥଳରେ ପହଂଚି ରୋଗୀ ବାହାକ ଯୋଗେ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଜଣେ ଯୁବକ ଙ୍କ କିଛି ଅଙ୍ଗ କଟିଯାଇ ରାସ୍ତାରେ ପଡିରହିଥିବା ଦେଖିବାକୁ ମିଳିଛି । ସମସ୍ତ ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ଘଟଣାର ପୋଲିସ ତଦନ୍ତ ଆରମ୍ଭ କରିଛି ।

ବିଜେପିର ସେବା ସଂକଳ୍ପ ଅଭିଯାନର ମାସେ ବ୍ୟାପୀ ରୋଡମ୍ୟାପ୍ ପ୍ରସ୍ତୁତ

ଢେଙ୍କାନାଳ,୧୪/୦୯(ସୁଶାନ୍ତ କୁମାର ପାଣୀ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଆସନ୍ତା ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଢେଙ୍କାନାଳ ଜିଲ୍ଲାରେ ସେବା ସଂକଳ୍ପ ଅଭିଯାନ ପାଳନ ହେବ । ଏନେଇ ରବିବାର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି ।ସମ୍ମିଳନୀରେ ରାଜ୍ୟ ସମ୍ପାଦିକା ତଥା ଜିଲ୍ଲା ସଂଗଠନ ପ୍ରଭାରୀ ସ୍ମୃତି ପଟ୍ଟନାୟକ ଓ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଅଭିଯାନର ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ ।ସୂଚନା ଅନୁସାରେ, ଅକ୍ଟୋବର ୭ରେ ମୋଦିଜୀ ଜନସେବାର ୨୫ ବର୍ଷ ପୂରଣ କରୁଥିବା ଅବସରରେ ୧୭ ସେପ୍ଟେମ୍ବରରେ ପ୍ରତ୍ୟେକ ବୁଥ୍, ମଠ-ମନ୍ଦିର ଓ ପରିବାରରେ 'ଆଶୀର୍ବାଦ ଦୀପ' ପ୍ରଜ୍ୱଳନ, ବିକଶିତ ଭାରତ-୨୦୪୭ ପାଇଁ ସଂକଳ୍ପ, ରକ୍ତଦାନ, ବୃକ୍ଷରୋପଣ, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଶିବିର, ପଥପ୍ରାନ୍ତ ନାଟକ, ଚିତ୍ରାଙ୍କନ-ଭାଷଣ ପ୍ରତିଯୋଗିତା, ଅଙ୍ଗନୱାଡି କର୍ମୀ ସମ୍ମାନ, ସେବା ଜ୍ୟୋତି ମଶାଲ ଯାତ୍ରା, ଫିଟ୍ ଇଣ୍ଡିଆ, ଭୋକାଲ ଫର ଲୋକାଲ ଭଳି ଅନେକ କାର୍ଯ୍ୟକ୍ରମ ହେବ । ଭୁବନେଶ୍ୱରରେ ଏକକାଳୀନ ୧୦-୧୫ ହଜାର ୟୁନିଟ୍ ରକ୍ତ ସଂଗ୍ରହ ଅଭିଯାନରେ ଢେଙ୍କାନାଳ ଯୁବମୋର୍ଚ୍ଚା ସାମିଲ ହେବ ।ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରେଶ ମହାପାତ୍ର, ସୁନୀଲ ଶର୍ମା, ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁ ଲେଙ୍କା, ମାତୃପ୍ରସାଦ ନନ୍ଦ, ପ୍ରେମାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ନଗର ମଣ୍ଡଳ ସଭାପତି ବିକାଶ ସାହୁ ଧନ୍ୟବାଦ ଦେଇଥିଲେ ।

ପୂଜା ପାଇଁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ବନ୍ଦ

କାମାକ୍ଷାନଗର,୧୪/୯(ସୁମନ୍ତ ଜେନା)ଥାନା ଡାକ୍ତରଖାନା କେବେ ଛୁଟି ନଥାଏ କିନ୍ତୁ କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ତୁମୁସିଂଙ୍ଗା ପଞ୍ଚାୟତର ଶ୍ରୀମୂଳା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି ।ଘଟଣା ଅନୁଯାୟୀ ଆଜି ତୁମୁସିଙ୍ଗା ଗାଁ ର ଦୀପକ ବିଶ୍ୱାଳ ନାମକ ଜ୍ୱର ହୋଇଥିବାରୁ ଅପରାହ୍ନ ୪ଟା ୧୦ ମିନିଟରେ ମେଡିକାଲ ଯାଇଥିଲେ । କିଛି ସମୟ ଅପେକ୍ଷା କରିବା ପରେ ବି କୌଣସି କର୍ମଚାରୀ ଦେଖା ନଥିଲା । ସୁରକ୍ଷାକର୍ମୀଙ୍କୁ ପଚାରିବାରୁ ମେଡିକାଲ ପୂଜା ଯୋଗୁଁ ବନ୍ଦ ବୋଲି କହି ଥିଲେ । ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଶୋଭା ଦ୍ୱାରା ପରିଚାଳିତ ହେଉଛି । ଏହାର ଡାଇରେକ୍ଟରଙ୍କୁ ଫୋନ ଲଗାଇ ପଚାରିବାରୁ ରୋଗୀଙ୍କୁ ଉତ୍ତର ମିଳୁଛି ପୂଜା ଅଛି ତ ସେଥିପାଇଁ ସମସ୍ତେ କ୍ଲାନ୍ତ ହୋଇ ପଡିଛନ୍ତି । ଏହା ପ୍ରଥମ ଘଟଣା ନୁହେଁ ପୂର୍ବରୁ ମଧ୍ୟ ଏଠାରେ ବିଭିନ୍ନ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଔଷଧ ଠାରୁ ଡାକ୍ତର ସେବାରେ ଅବହେଳା ଅନେକ ସମୟରେ ଲୋକ ସାମ୍ନା କରୁଛନ୍ତି । ସ୍ୱାସ୍ଥ୍ୟ ସେବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାର ଲାଭ ଘରୋଇ ସଂସ୍ଥା ଅଧିକ ଉଠାଉଛି । ମିଛ ବିଲ୍ ଜରିଆରେ କୋଟି କୋଟି ଟଙ୍କା ଠକେଇ କରୁଛନ୍ତି । ଏଥିରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଲାଞ୍ଚ ନେଇ ସହଯୋଗ କରୁଛନ୍ତି । ସ୍ୱାସ୍ଥ୍ୟ ସେବା ଏବେ ଜିଲ୍ଲା ର ସବୁଠାରେ ବିପର୍ଯ୍ୟସ୍ତ । ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଡାକ୍ତର ମରୁଡି । ସରକାର ପ୍ରତି ଜିଲ୍ଲାରେ ମେଡିକାଲ କଲେଜ କରିବ କହୁଥିବା ବେଳେ ସାଧାରଣ ସେବା ଯୋଗାଇଦେବାକୁ ବିଫଳ ।

ପରଜଙ୍ଗରେ ଗଣେଶ ପୂଜା ପାଳିତ

ପରଜଙ୍ଗ ,୧୪।୯(ଅକ୍ଷର ଓଡ଼ିଶା) :ପରଜଙ୍ଗ ବ୍ଲକ ର ବିଭିନ୍ନ ଅନୁଷ୍ଠାନ ଓ ମୁଖ୍ୟ ବଜାରରେ ଅଗ୍ରପୂଜ୍ୟ ବିଘ୍ନ ବିନାଶକ ଗଣେଶ ପୂଜା

ଅନୁଷ୍ଠିତ ହୋଇଅଛି ।ବିଦ୍ୟାଦାତା ଗଣେଶ ପୂଜା କରିବା ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ପ୍ରତିବର୍ଷ ଏହି ଦିନକୁ ଚାହିଁ ଥାନ୍ତି କେବେ ଆସିବ ପୂଜା ।ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ର ପରିବେଶକୁ ସାଜସଜ୍ଜା କରି ପ୍ରଭୁଙ୍କ ପାଇଁ ମଣ୍ଡପ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥାନ୍ତି ।ଏବେ ପ୍ରତି ଗାଁ ମାନଙ୍କ ରେ ବିଭିନ୍ନ ଜାଗାରେ ପୂଜା ମଣ୍ଡପ କରି ନିଜ ନିଜ ପୂଜା ମଣ୍ଡପରେ ପୂଜା କରିଥାନ୍ତି । ସେହିପରି ଭାବରେ ଗତ ପରଜଙ୍ଗ ଗ୍ରାମରେ ବିଗତ ୧୬ ବର୍ଷ ଧରି ବଜରଙ୍ଗୀ,ରେଡ ନାଇଟ, ପତିତପାବନ,କିଂଙ୍କ ଷ୍ଟାର, ଫ୍ରେଣ୍ଡ୍ସ ନ ,ଇୟୁନାଇଟେଡ,ଦ ଇଗଲ,ଜୟ ଜଗନ୍ନାଥ,ବାଦସା,ଗ୍ରୀନମାସ କ୍ଲବ ପକ୍ଷରୁ ନଅ ଗୋଟି ମଣ୍ଡପ ରେ ଗଜାନନଙ୍କ ପୂଜା ବହୁ ଆଡମ୍ବର ସହିତ ପାଳନ ହେଉଛି ଏହା ଦଶ ଦିନ ଧରି ଚାଲିବ । ଆଲୋକ ରେ ଗାଁ ସହର ଭଳି ଲାଗୁଅଛି ।ପ୍ରତି ଗାଁ ରେ ପୂଜା କମିଟି ଗଠନ କରାଯାଇ ଶାନ୍ତି ଶୃଙ୍ଖଳା ରେ ପୂଜା କରାଯାଉଛି ।

ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭକ୍ତିମୟ ପରିବେଶ

ପାଳିତ ହେଲା ପ୍ରଭୁ ଗଣେଶଙ୍କ ପୂଜା

ଗଁଦିଆ, ୧୪/୯ (ବେତୁଜୀ ପ୍ରସାଦ):ମାନବସେବା ଏବଂ ଜନଆରୋଗ୍ୟର ପ୍ରମୁଖ କେନ୍ଦ୍ର ତଥା ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକର ଅନ୍ୟତମ ପ୍ରାଚୀନ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆଜି ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣପତିଙ୍କ ପୂଜା ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ବେଦମନ୍ତ୍ର ଧ୍ୱନି ଏବଂ ଧୂପଦୀପର ସୁବାସରେ ସମଗ୍ର ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଏକ ପବିତ୍ର ଓ ପ୍ରାଣାନ୍ତକ ବାତାବରଣରେ ପରିଣତ ହୋଇଥିଲା । ପୂଜା ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ଃ ଏସ.ଆର. ଓଝା ଯୋଗଦେଇ ପ୍ରଭୁଙ୍କ ପାଦତଳେ ଦୀପ ପ୍ରଜ୍ୱଳନ ପୂର୍ବକ ସମଗ୍ର ଜନସାଧାରଣଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ସେ ନିଜର ବକ୍ତବ୍ୟରେ କହିଥିଲେ ଯେ, 'ଗଣପତି ବାବାଙ୍କ କୃପାରୁ ଆମ ସମସ୍ତ ଚିକିତ୍ସକ ଓ କର୍ମଚାରୀଙ୍କୁ ସଦବୁଦ୍ଧି ମିଳୁ । ରୋଗୀସେବା ଭଳି ଏହି ପବିତ୍ର କର୍ତ୍ତବ୍ୟକୁ ଆମେ ଯେପରି ଅଧିକ ନିଷ୍ଠା ଓ ସେବାଭାବ ସହିତ ଆଗକୁ ବଢ଼ାଇ ପାରିବୁ ଏବଂ ନିରନ୍ତର ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିପାରିବୁ, ସେଥିପାଇଁ ପ୍ରଭୁ ଆମକୁ ବୁଦ୍ଧି ଓ ବଳ ପ୍ରଦାନ କରନ୍ତୁ ।' ଏହି ପବିତ୍ର ଅବସରରେ ସେ ସମସ୍ତ ଅଞ୍ଚଳବାସୀ ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ଏହି ସୁନ୍ଦର ଓ ଶୃଙ୍ଖଳିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଡାକ୍ତର,ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସ, କ୍ଲରିକାଲ ଷ୍ଟାଫ୍ , ଅଫିସ କର୍ମଚାରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ପୂଜାର୍ଚ୍ଚନାରେ ଅଂଶଗ୍ରହଣ କରିଥିଲେ । ସମଗ୍ର ଉତ୍ସବକୁ ସଫଳ କରିବାରେ ତାପସ୍ କୁମାର ସେଠୀ, ଶିବାଜି ପ୍ରସାଦ ବେହେରା, ନିର୍ମଳ ଚନ୍ଦ୍ର ବେହେରା, ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରି ସମସ୍ତ ପରିଚାଳନା କାର୍ଯ୍ୟକୁ ଅତି ସୁଚାରୁରୂପେ ସମ୍ପାଦନ କରିଥିଲେ ।

ହିନ୍ଦୋଳରୋଡରେ ଗଣେଶ ପୂଜା ମହୋତ୍ସବ ଆରମ୍ଭ



ଖଜୁରିଆ କଟା ୧୪/୯ (ନୀଳକଣ୍ଠ ଦାସ) ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦୋଳ ରୋଡ ବଜାର ମଧ୍ୟରେ ଗଣେଶ ପୂଜା ମହୋତ୍ସବ ମହା ସମାରୋହରେ ଆରମ୍ଭ ହୋଇଯାଇଛି ।ବ୍ରଦର୍ସ ୟୁନାଇଟେଡ୍ ଓ୍ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ଗଣେଶ ପୂଜା ମହୋତ୍ସବ ୭ ଦିନ ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟେକ ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ମାନ୍ୟଗଣ୍ୟ,ପ୍ରଶାସନିକ ଓ ରାଜନୈତିକ ବ୍ୟକ୍ତିବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ମହୋତ୍ସବ ସହିତ ଆକର୍ଷଣୀୟ ସାଜସଜ୍ଜା, ପିଲା ମାନଙ୍କ ପାଇଁ ଦୋଳି ସାଙ୍ଗକୁ ମୀନାବଜାର, ଲୋକ ମାନଙ୍କୁ ଆକର୍ଷିତ କରୁଛି । ଏହା ସହିତ ହିନ୍ଦୋଳ ରୋଡ ଷ୍ଟେସନ ବଜାର,କଲେଜ ଛକ, ସହିତ ବିଭିନ୍ନ ଅନୁଷ୍ଠାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଗଣେଶ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଆସନ୍ତା ୨୧ ତାରିଖ ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

ବେଦ ମନ୍ତ୍ର ଧ୍ୱନିରେ ମୁଖରିତ ନୂଆଗଡ଼ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ

ଭକ୍ତିଭାବରେ ପାଳିତ ହେଲା ପ୍ରଭୁ ଗଣେଶଙ୍କ ପୂଜା

ଗଁଦିଆ ୧୪/୯(ବେତୁଜୀ ପ୍ରସାଦ):ନୂଆଗଡ଼ ସ୍ଥିତ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ବେଶ୍ ଉତ୍ସାହ ଓ ଉଲ୍ଲାସର ସହ ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି ।ଗଁଦିଆ ବ୍ଲକ ଅନ୍ତର୍ଗତ ଦିଗାମ୍ବରପୁର ଗ୍ରାମ ପଞ୍ଚାୟତର ଏହି ସ୍କୁଲରେ ବୈଦିକ ରୀତିନୀତି ଅନୁଯାୟୀ କୁଳିନ ବ୍ରାହ୍ମଣଙ୍କ ଦ୍ୱାରା ମନ୍ତ୍ର ଓ ବେଦ ଧ୍ୱନି ମଧ୍ୟରେ ଗଣେଶ ମହାପ୍ରଭୁଙ୍କ ପୂଜା କାର୍ଯ୍ୟ ସମ୍ପାଦିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କନ୍ୟାକୁମାରୀ ସାବତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଭୟ କୁମାର ଶତପଥୀଙ୍କ ସହିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବହୁସଂଖ୍ୟାରେ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ । ସେହିପରି ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ସାମନ୍ତ, ସତ୍ୟାନନ୍ଦ ପାଣିଙ୍କ ସମେତ ଅନେକ ପୁରାତନ ଶିକ୍ଷକ, କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ରହି ପୂଜାପାଠ କରିଥିଲେ । ପୂଜାକୁ ନେଇ ସମଗ୍ର ବିଦ୍ୟାଳୟ ପରିବେଶ ବେଶ୍ ଆନନ୍ଦଦାୟକ ଏବଂ ଚଳଚଞ୍ଚଳ ହୋଇଉଠିଥିଲା ।

୩୮ ବର୍ଷର ଅଭିଜ୍ଞ କାରିଗରଙ୍କ ଅନନ୍ୟ ମିଠା ଦୋକାନ

ଢେଙ୍କାନାଳ,୧୪/୦୯(ସୁଶାନ୍ତ କୁମାର ପାଣୀ):୧୫ ବର୍ଷ ବୟସରେ ଘର ଛାଡି ଭୁବନେଶ୍ୱରରେ ମିଠା କାମ ଶିଖିଥିବା ସଦର ବ୍ଲକ ଧୀରପାଟଣା ପଞ୍ଚାୟତ କାମଧେନୁକୋଟ ଗ୍ରାମର ଗୋପିନାଥ ଜେନା (୫୩) ଏବେ ଚର୍ଚ୍ଚାରେ। ଅଷ୍ଟମ ପାସ୍ ଗୋପିନାଥ ଭୁବନେଶ୍ୱର ସହୀଦନଗର ଦାମ ମହାରାଜା, ବାପୁଜୀନଗର ଖଟାମିଠା ଓ ଭେନସ୍ ମିଠା ଦୋକାନରେ ମୋଟ ୩୮ ବର୍ଷ ମୁଖ୍ୟ କାରିଗର ଭାବେ କାମ କରିଛନ୍ତି ।କୋଭିଡ୍ ପରେ ୨୦୨୨ରେ ସେ ନିଜ ଗାଁକୁ ଫେରି ଜାତୀୟ ରାଜପଥ କଡ଼ରେ ତିଗିରିଆ-କଲରାଗଡ ଛକ ନିକଟରେ ପତ୍ନୀ ମୀନାଙ୍କ ନାମରେ 'ମୀନାର ସୁଇଟ୍ସ' ଆରମ୍ଭ କରିଛନ୍ତି । ତାଙ୍କ ଦୋକାନରେ ରସଗୋଲା, ରାଜଭୋଗ, ଛେନାଝିଲି, ଛେନାପୋଡ, ରସମଲେଇ, ରାବିଡି ସମେତ ବିଭିନ୍ନ ସୁସ୍ୱାଦୁ ମିଠା ଉଚିତ୍ ମୂଲ୍

ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

ବିଶ୍ୱର ନୂଆ ସମୀକରଣରେ ଭାରତ

ବିଶ୍ୱ ରାଜନୀତିରେ ଆଜି ଯେଉ ଅସ୍ଥିରତା ଦେଖାଯାଉଛି, ତାହା କେବଳ ଦେଶମାନଙ୍କ ମଧ୍ୟରେ ମତଭେଦର ପରିମାଣ ନୁହେଁ, ଏହା ଏକ ପୁରୁଣା ବିଶ୍ୱ ବ୍ୟବସ୍ଥାର ସୀମାବଦ୍ଧତା ଓ ନୂଆ ଶକ୍ତିକେନ୍ଦ୍ରମାନଙ୍କ ଉଦୟର ଚିହ୍ନ। ଯୁଦ୍ଧ, ବାଣିଜ୍ୟିକ ପ୍ରତିବନ୍ଧ, ଶକ୍ତି ଯୋଗାଣର ଅସ୍ଥିରତା, ଆର୍ଥିକ ଅସମାନତା ଓ ପ୍ରଯୁକ୍ତିଗତ ପ୍ରତିସର୍ଦ୍ଧା ବିଶ୍ୱକୁ ଏକ ନୂଆ ପ୍ରଶ୍ନ ସମ୍ମୁଖୀନ କରାଇଛି - ବିଶ୍ୱ ନିଷ୍ପତି କେବଳ କିଛି ପୁରୁଣା ଶକ୍ତିଶାଳୀ ଦେଶ ନେବେ, ନା ଉଦୀୟମାନ ଦେଶମାନଙ୍କୁ ମଧ୍ୟ ସମାନ ସର ମିଳିବ ? ଏହି ପ୍ରଶ୍ନର ପୃଷ୍ଠଭୂମିରେ ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀର ଗୁରୁତ୍ୱ ବଢିଛି। ଭାରତର ଅଧକ୍ଷତାରେ ଏହି ମଂଚ ନିଜର ବିକାଶ, ସହଯୋଗ ଓ ବିଶ୍ୱ ଶାସନରେ ସୁଧାରର ଦାବିକୁ ଆଗକୁ ନେଉଛି। କିନ୍ତୁ ଏହି ସମ୍ମିଳନୀର ମୂଲ୍ୟାୟନ କେବଳ ନେତାମାନଙ୍କ ଭାଷଣ, ଘୋଷଣା କିମ୍ବା ଛବିରେ ହେବା ଉଚିତ ନୁହେଁ। ପ୍ରକୃତ ପ୍ରଶ୍ନ ହେଉଛି - ବ୍ରିକ୍ସ କି ଏକ ଏପରି ବ୍ୟବସ୍ଥା ଗଢିପାରିବ, ଯାହା ଉଦୀୟମାନ ଦେଶମାନଙ୍କ ଆର୍ଥିକ ଓ ରାଜନୈତିକ ଶକ୍ତିକୁ ବାସ୍ତବରେ ବଢାଇବ ? ବ୍ରିକ୍ସର ବିସ୍ତାର ଏହାର ଗୁରୁତ୍ୱକୁ ବଢାଇଛି। ଏହି ମଂଚରେ ଏବେ ଏସିଆ, ଆଫ୍ରିକା, ଦକ୍ଷିଣ ଆମେରିକା ଓ ମଧ୍ୟପ୍ରାଚ୍ୟର ଦେଶମାନଙ୍କ ଉପସ୍ଥିତି ରହିଛି। ଜନସଂଖ୍ୟା, ଅର୍ଥନୀତି, ପ୍ରାକୃତିକ ସମ୍ପଦ ଓ ବଜାର ଦୃଷ୍ଟିରୁ ଏହା ଏକ ବଡ ଶକ୍ତି। କିନ୍ତୁ ସଂଖ୍ୟା ଓ ଶକ୍ତି ଏକାର୍ଥକ ନୁହେଁ। ବଡ ଜନସଂଖ୍ୟା, ବିଶାଳ ଭୂଭାଗ କିମ୍ବା ଅଧିକ ଆର୍ଥିକ ଅବଦାନ ଥିଲେ ମଧ୍ୟ ଯଦି ସଦସ୍ୟ ସେମାନେ ପରସ୍ପରର ମତଭେଦ ଦୂର କରିପାରିବେ ନାହିଁ, ତେବେ ବ୍ରିକ୍ସ ଏକ ପ୍ରଭାବଶାଳୀ ସଂଗଠନ ହେବାରେ ବିଫଳ ହୋଇପାରେ। ତେଣୁ ଏହାର ସଫଳତାର ପ୍ରଥମ ମାପଦଣ୍ଡ ହେବ-ସାଧାରଣ ଘୋଷଣାରୁ ବାସ୍ତବ କାର୍ଯ୍ୟକ୍ରମକୁ ଯିବାର କ୍ଷମତା। ଭାରତ ପାଇଁ ବ୍ରିକ୍ସର ସବୁଠାରୁ ବଡ ଲାଭ ହେଉଛି ରଣନୈତିକ ସାଧୀନତାକୁ ଶକ୍ତିଶାଳୀ କରିବାର ସୁଯୋଗ। ଭାରତ ଆମେରିକା, ରୁଷିଆ, ୟୁରୋପ, ଚୀନ୍ ଓ ଅନ୍ୟ ଦେଶ ସହ ନିଜ ଆବଶ୍ୟକତାକୁ ଅନୁଯାୟୀ ସମ୍ପର୍କ ରଖେ। ଏହା କୌଣସି ଏକ ଶିବିରର ଅନୁଗାମୀ ହେବାକୁ ଚାହେଁ ନାହିଁ। ବ୍ରିକ୍ସ ଏହି ସାଧୀନ ନୀତିକୁ ଏକ ବିସ୍ତୃତ ମଂଚ ଦେଇପାରେ। କିନ୍ତୁ ରଣନୈତିକ ସାଧୀନତାର ଅର୍ଥ ନିଷ୍ପତିହୀନତା ନୁହେଁ। ପ୍ରତ୍ୟେକ ପ୍ରସଙ୍ଗରେ ଭାରତକୁ ନିଜ ଜାତୀୟ ସାର୍ଥ, ସୁରକ୍ଷା ଓ ଦୀର୍ଘକାଳୀନ ବିକାଶକୁ ଆଧାର କରି ସ୍ପଷ୍ଟ ନିଷ୍ପତି ନେବାକୁ ହେବ। ଚୀନ୍ ସହ ସମ୍ପର୍କ ଏହି ପରୀକ୍ଷାର ସବୁଠାରୁ ଜଟିଳ ଦିଗ। ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ରହିଛି, କିନ୍ତୁ ସୀମା ସୁରକ୍ଷା, ବାଣିଜ୍ୟିକ ଅସନ୍ତୁଳନ ଓ ରଣନୈତିକ ପ୍ରତିସର୍ଦ୍ଧାର ପ୍ରଶ୍ନ ଏବେ ମଧ୍ୟ ଶେଷ ହୋଇନାହିଁ। ଏପରି ସ୍ଥିତିରେ ବ୍ରିକ୍ସରେ ସହଯୋଗ କରିବା ଓ ଜାତୀୟ ସୁରକ୍ଷାରେ ସତର୍କ ରହିବା - ଦୁଇଟିକୁ ଏକାସାଙ୍ଗେ ଚଲାଇବାକୁ ପଡିବ। ଭାରତ ପାଇଁ ଏହା ଏକ କୂଟନୈତିକ ସନ୍ତୁଳନର ପ୍ରଶ୍ନ। ଅତ୍ୟଧିକ ନିକଟତା ଯେପରି ଜାତୀୟ ସାର୍ଥକୁ ଦୁର୍ବଳ କରିପାରେ, ସେପରି ଅତ୍ୟଧିକ ବିରୋଧ ଆର୍ଥିକ ସୁଯୋଗକୁ ମଧ୍ୟ ସୀମିତ କରିପାରେ। ତେଣୁ ଭାରତର ନୀତି ହେବା ଉଚିତ- ସହଯୋଗ ଯେଉଠାରେ ଲାଭଦାୟକ, ସତର୍କତା ଯେଉଠାରେ ଆବଶ୍ୟକ ଓ ଦୃଢତା ଯେଉଠାରେ ଜାତୀୟ ସାର୍ଥ ଜଡିତ। ଆର୍ଥିକ କ୍ଷେତ୍ରରେ ବ୍ରିକ୍ସର ସମ୍ଭାବନା ଅନେକ। ଭାରତୀୟ ଔଷଧ, କୃଷି ଉତ୍ପାଦ, ଯାନ୍ତ୍ରିକ ସାମଗ୍ରୀ, ସୂଚନା ପ୍ରଯୁକ୍ତି ଓ ସେବା କ୍ଷେତ୍ର ପାଇଁ ନୂଆ ବଜାର ଖୋଲିପାରେ।

ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ବାଣିଜ୍ୟ ବଢିଲେ ଭାରତୀୟ ଉତ୍ପାଦକ, ଛୋଟ ଉଦ୍ୟୋଗୀ ଓ ରପ୍ତାନୀକାରୀମାନେ ଲାଭ ପାଇପାରନ୍ତି। କିନ୍ତୁ ଏଠାରେ ଏକ ମୂଳ ସତ୍ୟକୁ ଭୁଲିହେବ ନାହିଁ - ବାଣିଜ୍ୟର ପରିମାଣ ବଢିବା ଓ ବାଣିଜ୍ୟର ଗୁଣବତା ବଢିବା ଏକ କଥା ନୁହେଁ। ଯଦି ଭାରତ ଅଧିକ ଆମଦାନି କରିବ ଓ ତାହାର ବଦଳରେ ପର୍ଯ୍ୟାପ୍ତ ରପ୍ତାନୀ କରିପାରିବ ନାହିଁ, ତେବେ ବାଣିଜ୍ୟିକ ଅସନ୍ତୁଳନ ଆହୁରି ବଢିପାରେ। ତେଣୁ ବ୍ରିକ୍ସର ଆର୍ଥିକ ସହଯୋଗକୁ ଭାରତୀୟ ଉତ୍ପାଦନ କ୍ଷମତା, ଗୁଣବତା ଓ ପ୍ରତିସର୍ଦ୍ଧାତା ସହ ଯୋଡିବା ଆବଶ୍ୟକ। ଦେଶର ଶିଳ୍ପ ଯଦି ଶକ୍ତିଶାଳୀ ହୁଏ, ତେବେ ବିଶ୍ୱ ବଜାର ସୁଯୋଗରେ ପରିଣତ ହେବ, ନଚେତ୍ ବଡ ବଜାର ମଧ୍ୟ ଅନ୍ୟ ଦେଶର ଉତ୍ପାଦ ପାଇଁ ଖୋଲା ଦ୍ୱାର ହୋଇରହିବ। ଶକ୍ତି ସୁରକ୍ଷା ମଧ୍ୟ ଏହି ମଞ୍ଚର ଏକ ମୁଖ୍ୟ ପ୍ରଶ୍ନ। ଭାରତର ତେଲ, ଗ୍ୟାସ, କୋଇଲା ଓ ଅନ୍ୟ ଶକ୍ତି ଉତ୍ସର ଯୋଗାଣ ଉପରେ ନିର୍ଭର କରେ। ବିଶ୍ୱ ଯୁଦ୍ଧ, ସମୁଦ୍ରପଥରେ ବାଧା କିମ୍ବା ଆନ୍ତର୍ଜାତିକ ଦରବୃଦ୍ଧି ହେଲେ ଏହାର ପ୍ରଭାବ ଭାରତୀୟ ଘରୋଇ ବଜାରରେ ପଡେ। ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ଶକ୍ତି ସହଯୋଗ, ନବୀକରଣଯୋଗ୍ୟ ଶକ୍ତି, ଶକ୍ତି ପ୍ରଯୁକ୍ତି ଓ ଯୋଗାଣ ଶୃଙ୍ଖଳାର ସୁରକ୍ଷା ବଢିଲେ ଭାରତର ଦୀର୍ଘକାଳୀନ ଲାଭ ହୋଇପାରେ। କିନ୍ତୁ ଶକ୍ତିର ସୁରକ୍ଷାର ଅର୍ଥ କେବଳ ଅଧିକ ତେଲ ପାଇବା ନୁହେଁ, ଏହାର ଅର୍ଥ ହେଉଛି ଶକ୍ତି ଉତ୍ସର ବିବିଧତା, ସୁଲଭ ଦର, ପରିବେଶ ସୁରକ୍ଷା ଓ ଦେଶୀୟ କ୍ଷମତା ବଢାଇବା। ଭାରତକୁ ଏହି ସୁଯୋଗକୁ ନବୀକରଣଯୋଗ୍ୟ ଶକ୍ତି ଓ ନୂଆ ପ୍ରଯୁକ୍ତିରେ ନିବେଶ ସହ ଯୋଡିବାକୁ ହେବ। ବ୍ରିକ୍ସର ଆର୍ଥିକ ସଂସ୍ଥାଗତ ଭୂମିକା ମଧ୍ୟ ଚର୍ଚ୍ଚାର ଯୋଗ୍ୟ। ବିକାଶଶୀଳ ଦେଶମାନେ ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଓ ଅନ୍ୟ ବିଶ୍ୱ ଆର୍ଥିକ ସଂସ୍ଥାରେ ଅଧିକ ପ୍ରତିନିଧିତ୍ୱ ଦାବି କରୁଛନ୍ତି। ଏହି ଦାବି ନ୍ୟାୟସଙ୍ଗତ, କାରଣ ବିଶ୍ୱ ଅର୍ଥନୀତିରେ ଉଦୀୟମାନ ଦେଶମାନଙ୍କ ଅବଦାନ ବଢିଛି। କିନ୍ତୁ ନୂଆ ଆର୍ଥିକ ବ୍ୟବସ୍ଥା ଗଢିବା ସହଜ ନୁହେଁ। ମୁଦ୍ରା ବିନିମୟ, ଦେୟ ପ୍ରଣାଳୀ, ବାଣିଜ୍ୟ ନିୟମ, ଆର୍ଥିକ ସ୍ଥିରତା ଓ ଦେଶମାନଙ୍କ ନୀତିଗତ ଭିନ୍ନତା ଏଠାରେ ବଡ ବାଧା। ତେଣୁ ଏକ ସାଧାରଣ ମୁଦ୍ରା କିମ୍ବା ତୁରନ୍ତ ବିକଳ୍ପ ଆର୍ଥିକ ବ୍ୟବସ୍ଥାର ଘୋଷଣା ଠାରୁ ଅଧିକ ଜରୁରୀ ହେଉଛି-ସୁରକ୍ଷିତ, ସଚ୍ଛ, କମ୍ ଖର୍ଚ୍ଚର ଓ ବିଶ୍ୱସନୀୟ ଦେୟ ପ୍ରଣାଳୀ ଗଢିବା।

ଏହି କ୍ଷେତ୍ରରେ ଭାରତ ନିଜ ଡିଜିଟାଲ ଦେୟ ପ୍ରଣାଳୀର ଅଭିଜ୍ଞତାକୁ ବିଶ୍ୱ ସହ ଭାଗ କରିପାରେ। କିନ୍ତୁ ଡିଜିଟାଲ ପ୍ରଯୁକ୍ତିର ବିସ୍ତାର ସହିତ ତଥ୍ୟ ସୁରକ୍ଷା, ଗୋପନୀୟତା ଓ ଆର୍ଥିକ ନିୟନ୍ତ୍ରଣର ପ୍ରଶ୍ନକୁ ମଧ୍ୟ ଗୁରୁତ୍ୱ ଦେବାକୁ ହେବ। ବ୍ରିକ୍ସର ସଫଳତା ପାଇଁ ଆଉ ଏକ ଆବଶ୍ୟକ ଦିଗ ହେଉଛି ଯୁବପିଢିର ଭବିଷ୍ୟତ। ଶିକ୍ଷା, ଗବେଷଣା, ଦକ୍ଷତା ବିକାଶ, ଉଦ୍ୟମିତା ଓ ପ୍ରଯୁକ୍ତି ସହଯୋଗ ବଢିଲେ ଭାରତୀୟ ଯୁବମାନେ ବିଶ୍ୱ ସୁଯୋଗରେ ଅଧିକ ଭାଗ ନେଇପାରିବେ। କିନ୍ତୁ ଏହା ପାଇଁ ଦେଶର ଶିକ୍ଷା ବ୍ୟବସ୍ଥା, ଗବେଷଣା କ୍ଷମତା ଓ ଚାକିରି ସୃଷ୍ଟିକୁ ମଜବୁତ କରିବା ଆବଶ୍ୟକ। କୌଣସି ଆନ୍ତର୍ଜାତିକ ସମ୍ମିଳନୀ ନିଜେ ଚାକିରି ସୃଷ୍ଟି କରେ ନାହିଁ, ଏହା ସୁଯୋଗ ଦେଇଥାଏ। ସେହି ସୁଯୋଗକୁ ଫଳରେ ପରିଣତ କରିବାର ଦାୟିତ୍ୱ ଦେଶର ନୀତି, ଶିଳ୍ପ ଓ ଶିକ୍ଷା ବ୍ୟବସ୍ଥାର। ଏହି କାରଣରୁ ବ୍ରିକ୍ସକୁ କେବଳ ବିଦେଶ ନୀତିର ବିଷୟ ଭବେ ନୁହେଁ, ଦେଶୀୟ ବିକାଶର ଏକ ସୁଯୋଗ ଭାବେ ଦେଖିବା ଉଚିତ। ଭାରତର ନେତୃତ୍ୱ ସେତବଳେ ସାର୍ଥକ ହେବ, ଯେତବଳେ ବ୍ରିକ୍ସର ଆଲୋଚନା ଭାରତୀୟ ଚାଷୀ, ଛୋଟ ବ୍ୟବସାୟୀ, ଛାତ୍ର, ଶ୍ରମିକ ଓ ମଧ୍ୟବର୍ଗୀୟ ପରିବାରର ଜୀବନ ସହ ଯୋଡିହେବ। ଏହି ସମ୍ମିଳନୀର ଆଉ ଏକ ପରୀକ୍ଷା ହେଉଛି ରାଜନୈତିକ ମତଭେଦ ମଧ୍ୟରେ ସହଯୋଗର ସମ୍ଭାବନା। ବ୍ରିକ୍ସର ସଦସ୍ୟ ଦେଶମାନଙ୍କ ମଧ୍ୟରେ ଶାସନ ପ୍ରଣାଳୀ, ବିଦେଶ ନୀତି, ଆର୍ଥିକ ମଡେଲ ଓ ଆଂଚଳିକ ସାର୍ଥରେ ଭିନ୍ନତା ରହିଛି। ତେଣୁ ଏହାକୁ ଏକ ସମାନ ରାଜନୈତିକ ଶିବିର ଭାବେ ଦେଖିବା ଭୁଲ ହେବ। ବ୍ରିକ୍ସର ବାସ୍ତବ ଶକ୍ତି ହେଉଛି - ଭିନ୍ନତା ଥିଲେ ମଧ୍ୟ ସାଧାରଣ ସାର୍ଥରେ ସହଯୋଗ କରିବା। ଯଦି ଏହି ମଂଚ ଯୁଦ୍ଧ, ଶକ୍ତି ସଂକଟ, ଖାଦ୍ୟ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଓ ବିକାଶଶୀଳ ଦେଶମାନଙ୍କ ଆର୍ଥିକ ଆବଶ୍ୟକତା ଭଳି ପ୍ରଶ୍ନରେ ବ୍ୟବହାରିକ ସମାଧାନ ଦେଇପାରେ, ତେବେ ଏହାର ବିଶ୍ୱସନୀୟତା ବଢିବ। ନଚେତ୍ ଏହା କେବଳ ଏକ ବଡ ମଂଚ ଓ ଅନେକ ଘୋଷଣାର ସମାହାର ହୋଇରହିବ। ଭାରତ ପାଇଁ ଏହି ସମ୍ମିଳନୀର ଶେଷ ସନ୍ଦେଶ ସ୍ପଷ୍ଟ ହେବା ଉଚିତ-ବିଶ୍ୱରେ ପ୍ରଭାବ ବଢାଇବା ଆବଶ୍ୟକ, କିନ୍ତୁ ସେହି ପ୍ରଭାବର ମୂଳ ଆଧାର ଦେଶୀୟ ଶକ୍ତି। ଶକ୍ତିଶାଳୀ ଅର୍ଥନୀତି, ଉତ୍ପାଦନ କ୍ଷମତା, ଶିକ୍ଷା, ଗବେଷଣା, ସାମାଜିକ ସମାବେଶ, ଆଇନର ଶାସନ ଓ ଦାୟିତ୍ୱଶୀଳ ପ୍ରଶାସନ ବିନା କୌଣସି ଦେଶ ଦୀର୍ଘକାଳୀନ ବିଶ୍ୱ ନେତୃତ୍ୱ ହାସଲ କରିପାରେ ନାହିଁ। ବ୍ରିକ୍ସ ଭାରତକୁ ଏକ ମଂଚ ଦେଇଛି, ଏବେ ଭାରତକୁ ନିଜ କ୍ଷମତା ଦ୍ୱାରା ସେହି ମଂଚର ମୂଲ୍ୟ ବଢାଇବାକୁ ହେବ। ବିଶ୍ୱର ନୂଆ ସମୀକରଣରେ ଭାରତର ଶକ୍ତି କେବଳ ଅନ୍ୟ ଦେଶମାନଙ୍କ ସହ ସମ୍ପର୍କରେ ନୁହେଁ, ନିଜ ନାଗରିକଙ୍କ ଜୀବନକୁ କେତେ ଉନ୍ନତ କରିପାରୁଛି, ସେଥିରେ ମପାଯିବ। ତେଣୁ ବ୍ରିକ୍ସର ସଫଳତାର ପ୍ରକୃତ ପରୀକ୍ଷା ହେଉଛି ଘୋଷଣା କେତେ ହେଲା ନୁହେଁ, ପରିମାଣ କେତେ ଆସିଲା, ନେତାମାନେ କେତେ କହିଲେ ନୁହେଁ, ଦେଶମାନେ କେତେ କାମ କଲେ ଏବଂ ବିଶ୍ୱ ମଂଚରେ ଭାରତର ସର କେତେ ଉଚ୍ଚ ହେଲା ନୁହେଁ, ସାଧାରଣ ଭାରତୀୟଙ୍କ ଭବିଷ୍ୟତ କେତେ ସୁରକ୍ଷିତ ଓ ସମୃଦ୍ଧ ହେଲା। ଏହି ଦୃଷ୍ଟିକୋଣରେ ଦେଖିଲେ ବ୍ରିକ୍ସ ଭାରତ ପାଇଁ ଏକ କୂଟନୈତିକ ସୁଯୋଗ ନୁହେଁ, ଏହା ନିଜ ଶକ୍ତି, ସଂଯମ ଓ ଦାୟିତ୍ୱର ପ୍ରମାଣ ଦେବାର ଏକ ଐତିହାସିକ ପରୀକ୍ଷା।

ସମନ୍ୱୟ ଓ ପରମ୍ପରାର ପର୍ବ ନୂଆଖାଇ

ଭାରତବର୍ଷ ହେଉଛି ଏକ ସଂସ୍କୃତି ସଂପନ୍ନ ଓ ପରମ୍ପରାର ଦେଶ । ଭାରତୀୟଙ୍କ ଜୀବନ-ଚରିତ୍ର ବିବିଧ ସଂସ୍କୃତି ଓ ପରମ୍ପରା ଉପରେ ଦଣ୍ଡାୟମାନ । ଏହି ବିଶାଳ ଦେଶର କୋଣ ଅନୁକୋଣରେ ଭିନ୍ନ ଭିନ୍ନ ସଂସ୍କୃତି ଓ ପରମ୍ପରାର ଧାରା ପ୍ରବାହିତ। ବିଭିନ୍ନତା ମଧ୍ୟରେ ଏକତା ହିଁ ଆମ ସଂସ୍କୃତିର ପରିଚାୟକ। ଏହାର ପୂର୍ବ-ପଶ୍ଚିମ, ଉତ୍ତର -ଦକ୍ଷିଣ ସବୁଠି ଏକ ସାଂସ୍କୃତିକ ଭାବଧାରା ଲୋକଙ୍କୁ ପରସ୍ପର ସହିତ ବାନ୍ଧିରଖିଛି । ଜାତି, ଧର୍ମ, ବର୍ଣ୍ଣ ଓ ଭାଷାର ବିବିଧତା ସତ୍ୱେ ଦେଶରେ ସଂସ୍କୃତି ଓ ପରମ୍ପରାର ସମନ୍ୱୟ ବଜାୟ ରହିଛି । କେଉ ଆବାହମାନ କାଳରୁ ଏହାର ଧାରା ଅବାରିତ ପ୍ରବାହିତ । ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ଦେଶର ଅନେକ ପର୍ବ ପର୍ବାଣୀ କୃଷି ସହିତ ସଂପର୍କିତ ରହିଥାଏ । କୃଷିକ୍ଷେତ୍ର କର୍ଷଣ ଓ ଧାନବୁଣା ଠାରୁ ଅମଳ ଯାଏଁ ବିଭିନ୍ନ ସମୟରେ ଭିନ୍ନଭିନ୍ନ ପର୍ବ ପାଳିତ ହୋଇଥାଏ । ମଣିଷ ପ୍ରକୃତିକୋଳରେ ଆଶ୍ରୟ ନିଏ । ପ୍ରକୃତିରୁ ପାଣି, ପବନ ଓ ଖାଦ୍ୟ ସଂଗ୍ରହ କରି ବଂଚେ । ତେଣୁ ପ୍ରକୃତି ସହିତ ମାନବର ସଂପର୍କ ନିବିଡ ହେବା ସାଭାବିକ । ଏକଦା ଝରଣାର ସୁଶିତଳ ଜଳପାନ କରି ବଣ ଜଂଗଲର ଫଳମୂଳ ସଂଗ୍ରହ କରି ମଣିଷ ତାର ଭୋକ ମେଣ୍ଟାଉଥିଲା । କାଳକ୍ରମେ ଚାଷକରିବା ଶିଖିଲା । ମାଟିରୁ ଶସ୍ୟ ଉତ୍ପାଦନ କରି ପରିବାର ପ୍ରତିପୋଷଣ କଲା । ଗଛଲତାରୁ ଔଷଧ ତିଆରି କରି ଆରୋଗ୍ୟ ଲାଭ କଲା । ପରେ ସଂଘବଦ୍ଧ ଜୀବନ ଯାପନର ମହତ୍ୱ ବୁଝିଲା । ପ୍ରକୃତିର ସହଯୋଗରେ ବଂଚିଲା । ବଣ ଜଂଗଲ ପାହାଡ଼ ପର୍ବତ ନଈ ନାଳ ବୃକ୍ଷ ଲତା ମାଟି ପାଣି ପବନ ଆଦି ପ୍ରକୃତିର ଏହି ସମସ୍ତ ଉପାଦାନକୁ ପାଥେୟ କରି ତାର ଜୀବନ ନିର୍ବାହ କଲା । ସେହି ଉପାଦନ ସବୁ ମଣିଷପାଇଁ ଭାଇ, ବନ୍ଧୁ ଓ କୁଟୁମ୍ବ ଭଳି ଆବଶ୍ୟକ ସମୟରେ ଠିଆ ହୋଇଛନ୍ତି । କାଳକ୍ରମେ ସେମାନଙ୍କୁ ସମ୍ମାନ ଦେଇଛି ମଣିଷ । ସେମାନଙ୍କଠାରେ ଆନୁଗତ୍ୟ ପ୍ରକାଶ କରିଛି । ଦେବତା ଭାବି ସେମାନଙ୍କୁ ପୂଜା କରିଛି । ଏ ସମସ୍ତ କଥାରୁ ଅନେକ ପରମ୍ପରରାର ଜନ୍ମ ହୋଇଛି ଓ ପର୍ବ ପର୍ବାଣୀର ସୃଷ୍ଟି ହୋଇଛି । ଏହି କ୍ରମରେ ନୂଆଖାଇର ପରମ୍ପରା ବି ସୃଷ୍ଟି ହୋଇଛି । ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡିଶା ରାଜ୍ୟର ଏକ ମହାନ ପର୍ବ ହେଉଛି ନବାର୍ଣ୍ଣ ଭକ୍ଷଣ ବା ନୂଆଖାଇ । ରାଜ୍ୟର ପଶ୍ଚିମାଞ୍ଚଳରେ ଅବସ୍ଥିତ ଜିଲ୍ଲା ମାନଙ୍କରେ ଏହି କୃଷିଭିତ୍ତିକ ପର୍ବ ଅନେକ ହର୍ଷୋଲ୍ଲାସର ସହିତ ପାଳିତ ହୋଇଥାଏ। ଏହା ସହିତ ପଡୋଶୀ ଛତିଶଗଡ ରାଜ୍ୟରେ ମଧ୍ୟ କିଛି ଅଂଚଳରେ ଏହି ପର୍ବ ପାଳିତ ହୋଇଥାଏ । ନୂଆଖାଇ ହେଉଛି ଲୋକଙ୍କ ସାମାଜିକ ଚଲଣୀ ଓ ଜନ ଜୀବନର ପର୍ବ । ଜନସମୂହର ପର୍ବ-ଗଣପର୍ବ। କୃଷି ହେଉଛି ଏ ଅଂଚଳର ମୂଖ୍ୟ ବେଉଷା । ପ୍ରାୟ ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି । ଧାନ ଚାଷ ସହିତ ଅନ୍ୟାନ୍ୟ ଚାଷ ଯଥା ଗୁରଜୀ, ସୁଆଁ ସହିତ ଡାଲି ଜାତୀୟ ଓ ପନିପରିବା ଚାଷ ମଧ୍ୟ ହୋଇଥାଏ । କିନ୍ତୁ ଧାନ ଚାଷ ହେଉଛି ଏ ଅଂଚଳର ପ୍ରଧାନ ଚାଷ । ଏ ଅଂଚଳର ମୁଖ୍ୟ ଖାଦ୍ୟ ଶସ୍ୟ ହେଉଛି ଧାନ ବା ଚାଉଳ । ପ୍ରକୃତିରୁ ଉତ୍ପାଦିତ ହେଉଥିବା ଧାନ ହିଁ ମଣିଷର ଭୋକ ମେଣ୍ଟାଉଛି । ତେଣୁ ନୂଆ ଖାଦ୍ୟ ଶସ୍ୟକୁ ପ୍ରଥମେ ପ୍ରକୃତି ଠାରେ ସମର୍ପଣ କରି ନିଜେ ଗ୍ରହଣ କରିବାର ଏହି ଧାରା ହିଁ ନୁଆଖାଇ । ଏହା ହେଉଛି ପ୍ରକୃତିକୁ ସମ୍ମାନ ଦେବା, ତାଠାରେ ଆନୁଗତ୍ୟ ପ୍ରକାଶ କରିବାର ଏକ ପର୍ବ ପରମ୍ପରା । ପ୍ରକୃତିକୁ ପୂଜା କରିବା ଏକ ଆଦିମ ପରମ୍ପରା । ଚାଷ କାର୍ଯ୍ୟ ଆରମ୍ଭ ହୁଏ ଗ୍ରୀଷ୍ମର ଶେଷ ଭାଗରେ । ଚାଷୀଟିଏ ଚାଷ ପାଇଁ ଜମିକୁ ପ୍ରସ୍ତୁତି କରେ ଏହି ସମୟରେ । ବିହନ ସଂଗ୍ରହ କରେ ଏବଂ ବର୍ଷାକୁ ଅପେକ୍ଷା କରି ରହେ । ବର୍ଷା ଆସିଲେ ଧାନ ବୁଣା ଆରମ୍ଭ ହୁଏ । ଏହି ଧାଡ଼ବାହିକ ପ୍ରକ୍ରୀୟାରେ ପ୍ରତିଟି ସୋପାନରେ ଚାଷୀ ବିଭିନ୍ନ ପର୍ବ ମାଧ୍ୟମରେ ପ୍ରକୃତିକୁ ପୂଜାର୍ଚ୍ଚନା ସହିତ ତାର ଅନୁମତି ନେଇ ଚାଷ କାର୍ଯ୍ୟରେ ଆଗକୁ ବଢେ । କେଉ ଆଦିମ କାଳରୁ ଆରମ୍ଭ ହୋଇଥିବା ଏହି ପରମ୍ପରା ଏବେ ବି ଗାଁରେ ଚଂଚିଛି । ତାର ପରିକଳ୍ପିତ ଦେବାଦେବୀଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ଓ ଭରଷା ଦୃଢୀଭୂତ ହୋଇ ରହିଛି ।

ବର୍ଷା ଆଗମନ ପୁର୍ବରୁ ମାଟିଦେବତା ଠାରୁ ବିହନ ଅନୁକୂଳ (ବିହନ ଛିନା) କରି ଆଣିବା ସହିତ ଶୁଭ ଲଗ୍ନରେ ଧାନ ବୁଣେ । ପରବର୍ତ୍ତୀ ସମୟରେ ରୁଆ ବେଉଷଣ, ଘାସ ବାଛିବା ଠାରୁ ଆରମ୍ଭ କରି ଧାନ ଅମଳ ଯାଏଁ ସବୁବଳେ ପରମ୍ପରାକୁ ସମ୍ମାନ ଜଣାଇ ବିଧି ମତେ ଚାଷ କରେ । ନୂଆଖାଇ ପୁର୍ବରୁ କ୍ଷେତରେ ଯେତବଳେ ଧାନ ସବୁଜ ସୁନ୍ଦର ହୋଇ ବଢେ ,ସେହି ସମୟରେ ବି ଚାଷୀ ଦେବାଦେବୀଙ୍କୁ ପୁଜାର୍ଚ୍ଚନା ପୁର୍ବକ ପରିବାରର ସମସ୍ତେ କିପରି ସୁସ୍ଥ ରହିବେ , ରୋଗ ପୋକ ଯେପରି ଚାଷକୁ ନଷ୍ଟ ନକରନ୍ତି ସେଥିପାଇଁ ରୋଗୀ ବୁହୁଲା ପର୍ବ ପାଳନ କରି ଦେବାଦେବୀଙ୍କୁ ସନ୍ତୁଷ୍ଟ କରେ । ଏ ବିଶ୍ୱାସ ଆଜିର ବିଜ୍ଞାନ ଯୁଗରେ ବି ଅତୁଟ ରହିଛି । ଏଭଳି ଚାଷ କାର୍ଯ୍ୟର ପ୍ରତିଟି ସେପାନରେ ବିଭିନ୍ନ ପର୍ବ ପର୍ବାଣି ଚାଷ ସହିତ ସନ୍ନିବିଷ୍ଟ ହୋଇ ରହିଛି । ଏହା ପରେ ପରେ ଆସେ ନୂଆଖାଇ । ଖରା ଓ ବର୍ଷାରେ ହାଡ଼ ଭଙ୍ଗା ପରିଶ୍ରମ କରି କ୍ଷେତରେ ଯେଉ ଶସ୍ୟ ଉତ୍ପାଦନ କରେ ତାକୁ ଦେବାଦେବୀଙ୍କ ଠାରେ ସମର୍ପଣ ପୂର୍ବକ ନୂଆ ଅନ୍ନ ଭୋଜନର ଆରମ୍ଭ ହୁଏ ଏହି ପର୍ବରେ । ଏହା ଯଦିଓ କିଛି ବର୍ଷ ହେଲା ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ପାଳିତ ହୋଇ ଆସୁଥିଲେ ମଧ୍ୟ ପୁର୍ବରୁ ଏହା ନିଜ ଅଂଚଳରେ ସୁବିଧା ଦୁଷ୍ଟିରୁ ଭାଦ୍ରବ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ବିଶ୍ୱକୁ ଶାନ୍ତି ଓ ପ୍ରଗତିର...

ଶ୍ରୀ ସାମଲ ଖୁସି ବ୍ୟକ୍ତ କରି କହିଛନ୍ତି ।ଏହି ବୈଶ୍ୱିକ ସମ୍ମିଳନୀକୁ ଆସିଥିବା ସମସ୍ତ ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଓଡିଶାର ପ୍ରସିଦ୍ଧ କୋରାପୁଟ କଫି ପ୍ରଦାନ କରାଯାଇଥିଲା, ଯାହାକି ପ୍ରତ୍ୟେକ ଓଡିଆଙ୍କୁ ଗୌରବ ଆଣିଦେଇଛି । ଓଡିଶାକୁ ଆନ୍ତରିକ ଭାବେ ଭଲ ପାଉଥିବା କାରଣରୁ ଓଡିଶାର ସ୍ଥାନୀୟ ଉତ୍ପାଦକୁ ପ୍ରଦର୍ଶିତ କରିବା ପାଇଁ ପୁଣି ଥରେ ବୈଶ୍ୱିକ ମଂଚ ଯୋଗାଇ ଦେଇଥିବାରୁ ରାଜ୍ୟ ସଭାପତି ସାମଲ ଯଶସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଶେଷ ଭାବେ ଓଡିଶାର କୃଷକ ଭାଇ ଓ ଭଉଣୀଙ୍କ ତରଫରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଭାରତରେ 'କୃତ୍ରିମ ସୂର୍ଯ୍ୟ'...

ସୁପରକଣ୍ଡକ୍ଟିଂ ଟୋକାମାକ୍' । ଏହା ଏକ ପରୀକ୍ଷାମୂଳକ ଫ୍ୟୁଜନ୍ ଯନ୍ତ୍ର । ସୂର୍ଯ୍ୟ ଓ ଅନ୍ୟ ନକ୍ଷତ୍ରରେ ଯେଉଁ ପ୍ରକ୍ରିୟାରେ ଶକ୍ତି ଉତ୍ପନ୍ନ ହୁଏ, ପୃଥିବୀରେ ସେହି ପ୍ରକ୍ରିୟାକୁ ଅନୁକରଣ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଫ୍ୟୁଜନ୍‌ରେ ହାଲୁକା ପରମାଣୁର କେନ୍ଦ୍ରକୁ ଅତ୍ୟଧିକ ତାପମାତ୍ରା ଓ ଚାପରେ ପରସ୍ପର ସହ ମିଶାଯାଏ । ଏହି ପ୍ରକ୍ରିୟାରୁ ବହୁ ପରିମାଣର ଶକ୍ତି ମିଳିପାରେ । ଏଥିପାଇଁ ଟୋକାମାକ୍ ଭିତରେ ଅତ୍ୟଧିକ ଗରମ ପ୍ଲାଜ୍‌ମା ସୃଷ୍ଟି କରାଯାଏ । ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ଏହି ପ୍ଲାଜ୍‌ମାକୁ ଯନ୍ତ୍ରର କାନ୍ଥଠାରୁ ଦୂରରେ ରଖାଯାଏ । ଭାରତୀୟ ଫ୍ୟୁଜନ୍ ପରୀକ୍ଷଣରେ ପ୍ଲାଜ୍‌ମାର ତାପମାତ୍ରା ୨୦ କୋଟି ଡିଗ୍ରି ସେଲ୍‌ସିୟସ୍‌ରୁ ଅଧିକ ହୋଇସାରିଛି । ଏହା ସୂର୍ଯ୍ୟର କେନ୍ଦ୍ରର ତାପମାତ୍ରାଠାରୁ ପ୍ରାୟ ୨୦ ଗୁଣ ଅଧିକ । ତେବେ କେବଳ ଏତେ ଅଧିକ ତାପମାତ୍ରା ହାସଲ କରିବା ଯଥେଷ୍ଟ ନୁହେଁ । ପ୍ଲାଜ୍‌ମାକୁ ଦୀର୍ଘ ସମୟ ଧରି ସ୍ଥିର ରଖିବା ହେଉଛି ବୈଜ୍ଞାନିକଙ୍କ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ୍ । ନୂଆ ଗାଇରୋଟ୍ରନ୍ ଏହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ । ଏହା ଉଚ୍ଚ ଆବୃତ୍ତିର ମାଇକ୍ରୋୱେଭ୍ ଶକ୍ତି ଉତ୍ପନ୍ନ କରି ପ୍ଲାଜ୍‌ମାକୁ ଗରମ କରେ । ପୂର୍ବରୁ ଏସ୍‌ଏସ୍‌ଟି-୧ରେ ୪୨ ଗିଗାହର୍ଜର ଗାଇରୋଟ୍ରନ୍ ବ୍ୟବହାର ହେଉଥିଲା । ନୂଆ ବ୍ୟବସ୍ଥା ଏହାଠାରୁ ଅଧିକ କ୍ଷମତାଶାଳୀ । ତେବେ ଏହି ଗାଇରୋଟ୍ରନ୍ ଲାଗିବା ମାତ୍ରେ ଏସ୍‌ଏସ୍‌ଟି-୧ ବିଦ୍ୟୁତ୍ ଉତ୍ପାଦନ କରୁଥିବା ଫ୍ୟୁଜନ୍ କେନ୍ଦ୍ର ପାଲଟିବ ନାହିଁ । ଏହାର ଉଦ୍ଦେଶ୍ୟ ହେଉଛି ଅତ୍ୟଧିକ ଗରମ ପ୍ଲାଜ୍‌ମାକୁ ନିୟନ୍ତ୍ରଣ ଓ ସ୍ଥିର ରଖିବା ନେଇ ଗବେଷଣାକୁ ଆହୁରି ଆଗକୁ ନେବା ।

ଆତ୍ମସମର୍ପଣ କଲେ...

କରିବାକୁ କୁହାଯାଇଥିଲା । ଆତ୍ମସମର୍ପଣ ନ କଲେ ଦୋଷୀ ସାବ୍ୟସ୍ତ ଓ ଦଣ୍ଡାଦେଶ ବିରୋଧରେ ତାଙ୍କ ଆବେଦନର ଶୁଣାଣି ହୋଇପାରିବ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରାଯାଇଥିଲା । ଅଗଷ୍ଟ ୬ରେ ବମ୍ବେ ହାଇକୋର୍ଟର ଗୋଆ ଖଣ୍ଡପୀଠ ୨୦୨୧ର ଗୋଆ ସେସନ୍‌ସ କୋର୍ଟର ନିର୍ଦ୍ଦୋଷ ରାୟକୁ ଖାରଜ କରି ତେଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ୧୦ ବର୍ଷର କଠୋର କାରାଦଣ୍ଡାଦେଶ ଦେଇଥିଲେ । ଏହି ମାମଲା ୨୦୧୩ରେ ଗୋଆରେ ଜଣେ ମହିଳା ସହକର୍ମୀଙ୍କୁ ଦୁଷ୍କର୍ମ ଅଭିଯୋଗ ସହ ଜଡ଼ିତ । ତେଜପାଲ ଏହି ରାୟ ବିରୋଧରେ ସୁପ୍ରିମ୍‌କୋର୍ଟରେ ଆବେଦନ କରିଛନ୍ତି । ଆତ୍ମସମର୍ପଣ ପରେ ତାଙ୍କ ଆବେଦନର ଶୁଣାଣି ପାଇଁ ଆଇନଗତ ପଥ ଖୋଲିଛି ।

ଗଁଦିଆର ୧୫ ମଣ୍ଡପରେ...

୨୦୧୧ରୁ ୨୦୨୫ ପର୍ଯ୍ୟନ୍ତ ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିଥିବା ଛାତ୍ରଛାତ୍ରୀମାନେ ଏକାଠି ହୋଇ ଏହି ଗଣେଶ ପୂଜାର ଆୟୋଜନ କରିଛନ୍ତି । ଦୀର୍ଘ ବର୍ଷ ପରେ ପୁରୁଣା ସହପାଠୀମାନଙ୍କ ଏହି ମିଳନ ଧାର୍ମିକ ଆୟୋଜନକୁ ଏକ ଭିନ୍ନ ମାତ୍ରା ଦେଇଛି । ପୂଜାକୁ ନେଇ ଗଁଦିଆ ଅଞ୍ଚଳରେ ଏବେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି । ଶ୍ରଦ୍ଧାଳୁମାନେ ବିଭିନ୍ନ ମଣ୍ଡପକୁ ଯାଇ ବିଘ୍ନହର୍ତ୍ତା ଶ୍ରୀଗଣେଶଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ନେଉଛନ୍ତି ।

ଭଦ୍ରକରେ ହଜରତ ଗୌସ-ଏ-ପାକଙ୍କ ମାସିକିଆ ଫାତେହା

ଗୁଲସନ-ଏ-ନସୀମରେ ଲଙ୍ଗର

ଭଦ୍ରକ, ୧୪/୦୯ (ତାରିକ ହୋସେନ)-ଭଦ୍ରକ ପୌରପାଳିକା ଅନ୍ତର୍ଗତ ବାଇପାସ ରୋଡ ସ୍ଥିତ ସରକାର ନଗର ଗୁଲସନ-ଏ-ନସିମ ଖାନକାହା ଠାରେ ଏନପିଜି ଆନୁକୂଲ୍ୟରୁ ରବିବାର ରାତ୍ରିରେ ଲଙ୍ଗର-ଏ-ଗୌସପାକ ଆରମ୍ଭ ହୋଇଯାଇଛି ଓ ଇରାକ ପ୍ରଦେଶ ର ବୋଗଦାଦ ସରିଫ ଠାରେ ହଜରତ ସୈୟଦ ସେକ ଅବଦୁଲ କାଦିର ଜିଲାନି (ର.ଅ) ଓରଫ ଗୌସପାକ ବାବାଙ୍କ ମଜାର ସରିଫ (ସମାଧି) ରହିଛି , ତାଙ୍କରି ନାମରେ ସାରା ବିଶ୍ୱ ରେ ଗୋଟିଏ ମାସ ଧରି ଫାତେହା ଅନୁଷ୍ଠିତ ହୁଏ ଓ ଏନପିଜି ଆନୁକୂଲ୍ୟରୁ ଭଦ୍ରକ ଗୁଲସନ-ଏ-ନସିମ ଖାନକାହା ଠାରେ ରବିବାର ସନ୍ଧ୍ୟା ରେ ମିଲାଦ ସରିଫ ଆରମ୍ଭ ହୋଇ ଫାତେହା ଅନୁଷ୍ଠିତ ହୋଇଥିଲା ଓ ଫାତେହା ସରିଲା ପରେ ହଜାର ହଜାର ସଂଖ୍ୟା ଭକ୍ତ ମାନଙ୍କୁ ଗୌସ-ଏ-ପାକ ଲଙ୍ଗର (ଶିରିଣି ଭୋଗ) ବଣ୍ଟନ କରାଯାଇଥିଲା ଓ ଏହି ମାସିକିଆ ଫାତେହା ଭଦ୍ରକରେ ପ୍ରତ୍ୟେକ ଘରେ ଘରେ ପାଳନ କରାଯାଏ ଓ ପ୍ରଥମ ଦିନ ରବିବାର ଠାରୁ ସରକାର ବାବାଙ୍କ ପିଠରେ ଫାତେହା ପର୍ବ ଆରମ୍ଭ ହୋଇଯାଇଛି , ଏହି ଫାତେହା ଭଦ୍ରକ ଜିଲ୍ଲା ସହିତ ବିଭିନ୍ନ ଜିଲ୍ଲାର ମୁସଲମାନ ସମ୍ପ୍ରଦାୟ ର ଭକ୍ତ ମାନେ ଶିରିଣି ଭୋଗ ଧରି ବାବାଙ୍କ ପୀଠରେ ସନ୍ଧ୍ୟା ପୂର୍ବରୁ ପହଁଚିବେ ଏବଂ ସନ୍ଧ୍ୟା ନମାଜ ପାଠ ପରେ ଫାତେହା ହେବ ଓ ଫାତେହା ସରିଲା ପରେ ଭକ୍ତ ମାନେ ନିଜ ନିଜ ଶିରିଣି ଧରି ଫେରିଯିବେ ଓ ଏହି ଭଳି ଏକ ମାସ ଧରି ବିଭିନ୍ନ ଗ୍ରାମ ଓ ବିଭିନ୍ନ ଜିଲ୍ଲାର ଭକ୍ତ ମାନେ ପହଁଚିବେ ଓ ଏଥିସହ ଶ୍ରଦ୍ଧାଳୁ ମାନେ ଶାନ୍ତିଶୃଙ୍ଖଳିତ ଭାବେ ବାବାଙ୍କ ସମାଧି ପୀଠରେ ପହଞ୍ଚନ୍ତି ।

ବେଲଗୁଣ୍ଠାରେ ଅଗ୍ରପୂଜ୍ୟଙ୍କୁ ଆବାହନ

ବିଭିନ୍ନ ଅନୁଷ୍ଠାନ ଓ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ପାଇଁ ଚଳଚଞ୍ଚଳ ସହର

ବେଲଗୁଣ୍ଠା, ୧୪/୯:(ଅକ୍ଷର ଓଡିଶା) ବିଘ୍ନବିନାଶକ ତଥା ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜାକୁ ନେଇ ବେଲଗୁଣ୍ଠା ସହର ଓ ଏହାର ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ବିଭିନ୍ନ ଶିକ୍ଷାନୁଷ୍ଠାନ, ବେସରକାରୀ ଅନୁଷ୍ଠାନ ଓ ଯୁବକ ସଂଘ ପକ୍ଷରୁ ଆକର୍ଷଣୀୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ପୂଜା ମଣ୍ଡପଗୁଡ଼ିକରେ ସୁଉଚ୍ଚ ତୋରଣ, ରଙ୍ଗିନ ଆଲୋକମାଳା ଓ ଆକର୍ଷଣୀୟ ସାଜସଜ୍ଜା ଦର୍ଶକଙ୍କୁ ଆକୃଷ୍ଟ କରୁଛି । ସହରର କଳିଙ୍ଗ ବୈଶ୍ୟ ଉଭୟ ଯୁବକ ସଂଘ, ଗୋଲା ସାହି, ରେଡ଼ି ସାହିର ମା' ଝିକର ଦେବୀ ଯୁବ ଗୋଷ୍ଠୀ, କେଉଟ ସାହି, କୋଳି ସାହିର ଏମ୍‌ବିଡି କ୍ଲବ୍, ଗୋପୀନାଥ ସାହିର ଦି ରୟାଲ ଗ୍ୟାଙ୍ଗ, ଜଗନ୍ନାଥପ୍ରସାଦ ରୋଡ୍‌ର ବିଘ୍ନେଶ ୟୁଥ୍ କ୍ଲବ୍, ଆଳିଆ ସାହି, ଶୁଣ୍ଡି ସାହି ,ଚଷା ସାହି, ଲକ୍ଷ୍ମୀ ବଜାର ଓ ତୁଳସୀ ନଗରରେ ମଧ୍ୟ ଗଣେଶ ପୂଜାକୁ ନେଇ ଉତ୍ସାହ ପରିଲକ୍ଷିତ ହୋଇଛି । ସେହିପରି 'ଅନ୍‌ଷ୍ଟପେବଲ ବୟେସ୍ ୨୦୨୨', ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର, ସାର୍ପ ଏଜୁକେସନ୍, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସରସ୍ୱତୀ ଶିଶୁ ବିଦ୍ୟା ଭବନ, କଂସାରି ସାହିର ବ୍ରାଇଟ୍ ଏଜୁକେସନ୍ କୋଚିଂ ସେଣ୍ଟର ଓ ମଙ୍ଗଳପୁର ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମଧ୍ୟ ଶ୍ରଦ୍ଧା ଓ ଭକ୍ତିର ସହ ଗଣେଶ ପୂଜା ପାଳନ କରାଯାଉଛି । ନେଚେଙ୍ଗା ନିକଟସ୍ଥ ରତନପୁର ଓ ଗୋବରା-ବାସୁଦେବପୁର ଅଞ୍ଚଳରେ ମଧ୍ୟ ପୂଜା ପାଇଁ ପ୍ରସ୍ତୁତି ଓ ଉତ୍ସବର ମାହୋଲ ଦେଖିବାକୁ ମିଳିଛି । ବିଭିନ୍ନ ପୂଜା ମଣ୍ଡପରେ ୧୦୮ ଆଳତି, ଭଜନ ସମାରୋହ ଓ ପ୍ରସାଦ ସେବନର ଆୟୋଜନ କରାଯାଇଛି । ସନ୍ଧ୍ୟା ସମୟରେ ଆଲୋକମାଳାରେ ସଜ୍ଜିତ ମଣ୍ଡପଗୁଡ଼ିକରେ ଭକ୍ତ ଓ ଦର୍ଶକଙ୍କ ଭିଡ଼ ଜମୁଛି । ଯୁବକମାନଙ୍କ ଉଦ୍ୟମରେ ପୂଜା ଆୟୋଜନ ସହରରେ ଭାଇଚାରା ଓ ସାମାଜିକ ଏକତାର ବାର୍ତ୍ତା ଦେଉଛି ।

ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଉତ୍ସବ ନେଇ ଚଳଚଞ୍ଚଳ ଖଣ୍ଡପଡ଼ା ଅଞ୍ଚଳ

ଖଣ୍ଡପଡ଼ା, ୧୪/୯ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ସହର ଠାରୁ ଆରମ୍ଭ କରି ପୁରପଲ୍ଲୀରେ ସବୁଠି ବିଘ୍ନ ବିନାଶକ ଗଜାନନଙ୍କ ପୂଜା ଉତ୍ସବ ସୋମବାର ଠାରୁ ଆରମ୍ଭ ହୋଇଛି ।ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ସ୍ଥାନରେ ଅବସ୍ଥିତ ପୂଜା ମଣ୍ଡପରେ ପ୍ରଭୁ ଗଜାନନଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି । ଖଣ୍ଡପଡ଼ା ସହରର ରଥଗଡା ଛକରେ ଟେନଷ୍ଟାର କ୍ଲବର ସଦସ୍ୟମାନଙ୍କ ଦ୍ୱାରା ପ୍ରଭୁ ଗଜାନନଙ୍କ ପୂଜା ମହାଆଡମ୍ବରରେ ପାଳିତ ହେଉଥିବା ବେଳେ ୩ ଦିନ ଧରି ପ୍ରଭୁଙ୍କର ପୂଜା ଉତ୍ସବ ଅନୁଷ୍ଠିତ ହେବ ବୋଲି କ୍ଲବର ସଦସ୍ୟମାନଙ୍କ ଠାରୁ ପ୍ରକାଶ । ସମସ୍ତ ପୂଜା ମଣ୍ଡପ ଗୁଡିକ ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଥିବା ବେଳେ ବିଭିନ୍ନ ସ୍ଥାନରେ ପୂଜା ମଣ୍ଡପ ସାଙ୍ଗକୁ ତୋରଣ ଗୁଡିକ ବେଶ ଆକର୍ଷଣୀୟ ହୋଇ ପାରିଛି । ପ୍ରଭୁ ଗଜାନନଙ୍କ ପୂଜା ଯୋଗୁଁ ଖଣ୍ଡପଡ଼ା ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଜଣାପଡିଛି ।ଆସନ୍ତା ୧୬ ତାରିଖ ବୁଧବାର ଅପରାହ୍ନରେ ସବୁଠି ପ୍ରଭୁଙ୍କର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଭିନ୍ନ ପୂଜା କମିଟିର ସଦସ୍ୟମାନଙ୍କ ଠାରୁ ପ୍ରକାଶ ।

ହିଞ୍ଜିଳିକାଟୁ ସହରରେ ଗଣେଶ ପୂଜା ପାଳିତ

ହିଞ୍ଜିଳିକାଟୁ, ୧୪/୯ (ଅବନି କାନ୍ତ ପଟ୍ଟନାୟକ)ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ସହର ତଥା ଆଖପାଖ ଅଞ୍ଚଳରେ ସିଦ୍ଧି ଦାତା ଗଣେଶ ଙ୍କ ପୂଜା ରୀତିନୀତି ଅନୁସାରେ ପାଳିତ ହୋଇଛି । ସହର ରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ, ସେଚ୍ଛାସେବୀ ଅନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ ଗୁଡିକରେ ପୂଜାର୍ଚ୍ଚନା, ପୁଷ୍ପାଞ୍ଜଳି ଓ ପ୍ରସାଦ ସେବନ ସହ ନୂତନ ଛାତ୍ର ଛାତ୍ରୀ ମାନଙ୍କର ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ,ଆଦର୍ଶ ବିଦ୍ୟାଳୟ,ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟ,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମୋହନ କଲୋନୀ,ମାଣିକ ନଗର,ନୂଆ ଗଡ, ରେଗୋଡି ସାହି,ହିଞ୍ଜିଳି ବଡ଼ସାହି,ସାନସାହି,ମଠ ପଦର ସାହିରେ ସିଦ୍ଧି ବିନାୟକଙ୍କ ପୂଜା ଧୂମଧାମ ରେ ଅନୁଷ୍ଠିତ ହୋଇଛି । ସହର ବିଭିନ୍ନ ସ୍ଥାନ ରେ ରଙ୍ଗୀନ ଆଲୋକ ମାଳା ଓ ତୋରଣ ସାଜସଜ୍ଜା ଆକର୍ଷଣୀୟ ହୋଇଛି ଓ ହିଞ୍ଜିଳିକାଟୁ ସହର ଅନ୍ତର୍ଗତ ଘୋଡଇଶୁଣି ପର୍ବତ ଉପରେ ଅବସ୍ଥାନ ଶ୍ରୀ ବିଘ୍ନରାଜ ବିନାୟକଙ୍କୁ ଦର୍ଶନ ସକାଶେ ଭକ୍ତଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା ।

ଗଣେଶ ପୂଜା ପ୍ରସ୍ତୁତି ବେଳେ ବିଦ୍ୟୁତ ଆଘାତରେ ଜଣେ ମୃତ୍ୟୁ

ରାୟଗଡା ୧୪/୯ (ସନ୍ତୋଷ ମିଶ୍ର) ଗଣେଶ ପୂଜା ପାଇଁ ଚାଲିଥିଲା ମଣ୍ଡପ ସଜ ବାଜ ହସଖୁସିରେ ପୂଜା ପ୍ରସ୍ତୁତି ଚାଲିଥିବା ବେଳେ ଘଟିଗଲା ଅଘଟଣ । ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ୨୬ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ହେଲେ ଆଲୁ ରାଜୁ । ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୂଚନା ଦେଇଛନ୍ତି । ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁରସ୍ଥିତ ମନୋରଞ୍ଜନ ଗଣେଶ ପୂଜା ମଣ୍ଡପରେ ଘଟିଛି । ମିଳିଥିବା ସୂଚନା ଅନୁସାରେ, ମଣ୍ଡପ ସଜ ବାଜ କାମ ଚାଲିଥିବା ସମୟରେ ଆଲୁ ରାଜୁ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ ।ଘଟଣା ପରେ ତାଙ୍କୁ ତୁରନ୍ତ ଆୟୁଲାନ୍ସ ଯୋଗେ ଅଣାଯାଇଥିଲା । ତେବେ ସେଠାରେ ଡାକ୍ତର ଆଲୁ ରାଜୁଙ୍କୁ ମୃତ ଘୋଷଣା କରିଥିଲେ ।ଏଭଳି ଅଘଟଣ ସମଗ୍ର ଜେକେପୁର ଅଞ୍ଚଳକୁ ଶୋକାକୁଳ କରିଦେଇଛି ଓଘଟଣାକୁ ନେଇ ଚାନ୍ଦିଲି ପୁଲିସ ତଦନ୍ତ ଆରମ୍ଭ ଚାଲିଛି ବୋଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସଦସ୍ୟମାନଙ୍କ ଦ୍ୱାରା ପ୍ରଭୁ ଗଜାନନଙ୍କ ପୂଜା ମହାଆଡମ୍ବରରେ ପାଳିତ ହେଉଥିବା ବେଳେ ୩ ଦିନ ଧରି ପ୍ରଭୁଙ୍କର ପୂଜା ଉତ୍ସବ ଅନୁଷ୍ଠିତ ହେବ ବୋଲି କ୍ଲବର ସଦସ୍ୟମାନଙ୍କ ଠାରୁ ପ୍ରକାଶ । ସମସ୍ତ ପୂଜା ମଣ୍ଡପ ଗୁଡିକ ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଥିବା ବେଳେ ବିଭିନ୍ନ ସ୍ଥାନରେ ପୂଜା ମଣ୍ଡପ ସାଙ୍ଗକୁ ତୋରଣ ଗୁଡିକ ବେଶ ଆକର୍ଷଣୀୟ ହୋଇ ପାରିଛି । ପ୍ରଭୁ ଗଜାନନଙ୍କ ପୂଜା ଯୋଗୁଁ ଖଣ୍ଡପଡ଼ା ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଜଣାପଡିଛି ।ଆସନ୍ତା ୧୬ ତାରିଖ ବୁଧବାର ଅପରାହ୍ନରେ ସବୁଠି ପ୍ରଭୁଙ୍କର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଭିନ୍ନ ପୂଜା କମିଟିର ସଦସ୍ୟମାନଙ୍କ ଠାରୁ ପ୍ରକାଶ ।

ରୋଗାଗ୍ରସ୍ତ ଓ ମାନସିକ ଅସୁସ୍ଥତାରେ ଥିବା ମାଆଙ୍କ ସେବା ପାଇଁ ପାଠପଢା ଛାଡିଲେ ୧୨ ବର୍ଷର ଝିଅ

ପାରଳାଖେମୁଣ୍ଡି, ୧୪/୯(ତାରିଣୀ ପ୍ରସାଦ ପଣ୍ଡା): ରୋଗାଗ୍ରସ୍ତ ଓ ମାନସିକ ଅସୁସ୍ଥତାରେ ପୀଡିତ ଥିବା ମାଆଙ୍କ ସେବା ପାଇଁ ୧୨ ବର୍ଷର ଝିଅ ପାଠପଢା ଛାଡି ମାଆଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିବା ସୂଚନା ମିଳିଛି. ଘଟଣାଟି ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପଞ୍ଚାୟତର ତଣ୍ଡରଙ୍ଗ ଗ୍ରାମରେ ଘଟିଥିବା ଜଣାଯାଇଛି. ଏହି ଗ୍ରାମର ଜଣେ ୧୨ ବର୍ଷୀୟ ଛାତ୍ରୀ ନିଜ ମା'ଙ୍କ ସେବା ପାଇଁ ଅଧାରୁ ପାଠପଢ଼ା ଛାଡ଼ିଛନ୍ତି । ତଣ୍ଡରଙ୍ଗ ଗ୍ରାମର ମିତାରା ନାଇକା କିଛି ବର୍ଷ ଧରି ରୋଗାଗ୍ରସ୍ତ ଯୋଗୁଁ ମାନସିକ ଅସୁସ୍ଥତାରେ ପୀଡ଼ିତ ଥିବା ପରିବାର ପକ୍ଷରୁ କୁହାଯାଉଛି । ତେଣୁ ତାଙ୍କ ସେବା କରିବା ପାଇଁ ଝିଅ ନିଷ୍ଠାରୀୟା ପାଠପଢା ଛାଡିଛନ୍ତିଓ ମିତାରାଙ୍କ ନାଇକା ପାଖରେ ୮୦ ପ୍ରତିଶତ ମାନସିକ ଅକ୍ଷମତା ସମ୍ପର୍କିତ ପ୍ରମାଣପତ୍ର ରହିଛି । ଗତ ଏକ ବର୍ଷ ଧରି ସରକାରୀ କାର୍ଯ୍ୟାଳୟକୁ ଯାଇ ସହାୟତା ପାଇଁ ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସହାୟତା ନ ମିଳିବାରୁ ମିତାରାଙ୍କ ସ୍ୱାମୀ ଏଲିଶାୟ ଦୁଃଖରେ ଭାଙ୍ଗି ପଡ଼ିଛନ୍ତିଓ ମିତାରାଙ୍କର ୯ ବର୍ଷର ପୁଅ ମେଡିଷ୍ଟାର ଓ ୧୨ ବର୍ଷର ଝିଅ ନିଷ୍ଠାରୀୟା ରହିଛନ୍ତି । ରୋଗାଗ୍ରସ୍ତ ମା'ଆଙ୍କୁ ଏକାକୀ ଛାଡ଼ି ରହିବା ସମ୍ଭବ ନହେବାରୁ ନିଷ୍ଠାରୀୟା ପାଠପଢ଼ା ଛାଡ଼ି ମା'ଙ୍କ ଯତ୍ନ ନେଉଛି ! ଯେଉଁ ବୟସରେ ତା'ର ହାତରେ ବହି ଓ ଖେଳନା ରହିବା କଥା, ସେହି ବୟସରେ ମା'ଙ୍କ ଯତ୍ନରେ ନେବାରେ ଦିନ କଟୁଛି. ସ୍ତ୍ରୀଙ୍କ ଚିକିତ୍ସା, ଘର ଖର୍ଚ୍ଚ ଓ ଦୁଇ ପିଲାଙ୍କ ଭବିଷ୍ୟତ-ସବୁକିଛିର ଚିନ୍ତାରେ ବାପା ଏଲିଶାୟ ରହିଛନ୍ତି । ଏନେଇ ବିଡିଓ ଦୁଲେରାମ ମାରାଣ୍ଡିଙ୍କ ଦୃଷ୍ଟି ଆକାଷଣ କରାଯିବାରେ ସେ କହିଛନ୍ତି, ମିତାରାଙ୍କୁ ଭତ୍ତା ଓ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ।

ବିଶିଷ୍ଟ କଳାକାର ବ୍ୟାସଦେବ ପାତ୍ରଙ୍କ ବିୟୋଗ

ସୁବର୍ଣ୍ଣପୁର:୧୪/୦୯(ସଂଗ୍ରାମ ମହାପାତ୍ର) ଜିଲ୍ଲା ସଦର ମହକୁମା ସୋନପୁର ସହରର ବିଶିଷ୍ଟ କଳାକାର ବ୍ୟାସଦେବ ପାତ୍ରଙ୍କ ଦେହାନ୍ତ ହୋଇଯାଇଛି । ପ୍ରକାଶଯୋଗ୍ୟ ଯେ, ଗତ ୫ ତାରିଖ ଶନିବାର ଦିନ ତାଙ୍କ ସ୍କୁଟୀରେ ଆସୁଥିବା ବେଳେ ବ୍ଲକ୍ ଛକ ନିକଟ ହମ୍ପସରେ ପଡ଼ିଯାଇଥିଲେ । ସେଠାରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ତୁରନ୍ତ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ଅବସ୍ଥା ଗୁରୁତର ହେବାରୁ ବୁର୍ଲା ବଡ଼ ଡାକ୍ତରଖାନାରେ ଆଇସିୟୁରେ ତାଙ୍କୁ ଭର୍ତ

ଓଡ଼ିଶାର ଗଣପର୍ବ ନୂଆଁଖାଇ ଜୁହାର

ନୂଆଁଖାଇ ଓଡ଼ିଶାର ପଶ୍ଚିମାଞ୍ଚଳର ଏକ ପାରମ୍ପରିକ ପର୍ବ । ଏହା ମଧ୍ୟ ନୂଆଁଖାଇ ବା ନବାନ୍ନ ଭାବେ ମଧ୍ୟ ଜଣା । ନୂଆଖାଇ ଅର୍ଥାତ୍ ଧାନ ଅମଳର ଖୁସିର ପାଳନ କରିବା ନିମନ୍ତେ କରାଯାଉଥିବା ଏକ ଗଣପର୍ବ । ପାଞ୍ଜି ଅନୁସାରେ ଏହା ଭାଦ୍ରବ ମାସର ଶୁକ୍ଳ ପଞ୍ଚମୀ ତିଥିରେ ପାଳିତ ହୋଇଥାଏ । ଗଣେଶ ଚତୁର୍ଥୀର ପରଦିନ ପାଳନ କରାଯାଏ ।

ନୂଆଁଖାଇ ଦିନ ବଢ଼ି ଭୋରରୁ ଗାଁ ମାନଙ୍କରେ ପୀଢ଼ି ପୀଢ଼ି ଧରି ନିର୍ଦ୍ଦିଷ୍ଟ ପରିବାର ନୂଆ ଧାନ ଗ୍ରାମବାସୀମାନଙ୍କୁ ପ୍ରଦାନ କରିଥାନ୍ତି । ଏପଟେ ଗୃହିଣୀମାନେ ମଧ୍ୟ ଘର ଲିପା ପୋଛା କରି ନୂଆଁଖାଇକୁ ସାଗତ କରିବାକୁ ଅନେଇ ବସନ୍ତି । ଘର ଲିପାପୋଛା କରି ନୂଆ ଚଂଗ ଲଗାଇ ନୂଆଁଖାଇକୁ ସାଗତ କରନ୍ତି । ପୁଣି କିଏ ନୂଆଁଖାଇ ପାଇଁ ପତ୍ର ତୋଳିବାରେ ଲାଗି ଥିବାବେଳେ ଆଉ କିଏ ନୂଆଁ ଧାନ ସଂଗ୍ରହ କରିବାରେ ବ୍ୟସ୍ତ ରୁହନ୍ତି । ବିଶେଷ କରି ଗୃହିଣୀମାନେ ଘରକୁ ନୂଆ କରି ସଜା ?ବାରେ ଲାଗି ପଡ଼ନ୍ତି । ଏହି ଦିନ ପ୍ରତ୍ୟେକ ପରିବାରମାନେ ନିଜ ନିଜ ଘରେ ଅକାଣ୍ଡିଆ ଚାଉଳର କ୍ଷୀରି ରାନ୍ଧିବା ସହ ଯୁଗ୍ମ ପରିବାରରେ ତଥା ସମଗ୍ର ଗ୍ରାମରେ ସାମୁହିକ ଭାବେ ମଧ୍ୟ ରାନ୍ଧିଥାନ୍ତି । ଏହି କ୍ଷୀରକୁ 'ନବାନ୍ନ' ବା 'ନବାର୍ଣ୍ଣ' କୁହାଯାଏ । ଗ୍ରାମର ଦେହୁରୀ ସେହି ନବାନ୍ନକୁ ପ୍ରଥମେ ପୂର୍ବଜମାନଙ୍କୁ ଅର୍ପଣ କରି ପାରେ ଭୋଗ ରୂପେ ସମସ୍ତଙ୍କୁ ବାଣ୍ଟିଥାନ୍ତି । ନୂଆଖାଇ ପାଳନ ପରଦିନ 'ନୂଆଖାଇ ବାସି' ପାଳନ ହୁଏ ଓ ସେହି ଦିନ ବଳକା ନୂଆନ୍ନ, କ୍ଷୀରି-ପିଠା ଖିଆହେବା ସହ ମାଂସ ରନ୍ଧାଯାଇଥାଏ । ବାସି ପରଦିନ 'ତିଆସି' ପାଳନ ହୁଏ ଓ ଏହିଦିନ ଗ୍ରାମବାସୀମାନେ ମାଂସ ସମେତ ବିଭିନ୍ନ ଖାଦ୍ୟ ଓ ମଦ ଖିଆପିଆ ଓ ପାରମ୍ପାରିକ ଖେଳ ଯଥା ଡୁଡୁ, ଖୋଖୋ, ବାଡ଼ି-ଖୁଚା, କୁସ୍ତି ଖେଳି ସମୟ ଅତିବାହିତ କରିଥାନ୍ତି ।

ଗବେଷକମାନଙ୍କ ମତରେ ଏହା ପ୍ରାକ୍ ବୈଦିକ କାଳରୁ ଭାରତରେ ପ୍ରଚଳିତ । ବୈଦିକ ମାନ୍ୟତାରେ ନବଜାତ ଶସ୍ୟଦ୍ୱାରା ସମ୍ପାଦିତ ଯଜ୍ଞର ନାମ ''ଆଗ୍ରୟଣେଷ୍ଟି'' । ଏହି ଆଗ୍ରୟଣେଷ୍ଟି ବା ନବାନ୍ନ ଭକ୍ଷଣ ଯଜ୍ଞ ବର୍ଷା, ଶରତ ଓ ବସନ୍ତ ଋତୁରେ ତିନିଥର ପାଳନ କରିବାର ବିଧି ରହିଛି । ବର୍ଷା ଋତୁରେ ଶ୍ୟାମକ ବା ଶୁଆଁ ଓ କୋଳିଆ ବା ଷାଠିଆ ଧାନରୁ ପ୍ରସ୍ତୁତ ଯେଉଁ ନବାନ୍ନ ଭକ୍ଷଣ ଯଜ୍ଞ ହୁଏ, ତାକୁ ''ଶ୍ୟାମକାଗ୍ରୟଣେଷ୍ଟି'' କୁହାଯାଏ । ଶରତ ଋତୁରେ ଶାରଦ ଧାନ ଓ ବିରିରୁ ପ୍ରସ୍ତୁତ ଅନ୍ନରେ ସମ୍ପାଦିତ ଦ୍ୱିତୀୟ ନବାନ୍ନ ଭକ୍ଷଣକୁ ''ବ୍ରିହ୍ୟାଗ୍ରୟଣେଷ୍ଟି'' ଏବଂ ବସନ୍ତ ଋତୁରେ ଯବ ଓ ଗହମ ଛତୁଆରେ ସମ୍ପାଦିତ ତୃତୀୟ ନବାନ୍ନ ଭକ୍ଷଣକୁ ''ଯବାଗ୍ରୟଣେଷ୍ଟି'' ନାମରେ ନାମିତ କରାଯାଇଛି । ଆମ ପୂର୍ବପୁରୁଷମାନେ ଏହି ପ୍ରଥମ ଉତ୍ପାଦିତ ଶସ୍ୟରେ ପ୍ରସ୍ତୁତ ଅନ୍ନ ଏବଂ ପିଠାପଣା ଦେବତା ଓ ପିତୃପୁରୁଷଙ୍କୁ ଅର୍ପଣ କରିବା ପରେ ନିଜେ ସେବନ କରିବାର ବିଧି ହିଁ ''ନୂଆଁଖାଇ'' ନାମରେ ବିଖ୍ୟାତ ।

ନୂଆଁଖାଇ ଗଣପର୍ବର ବିଶେଷତ୍ୱ ହେଉଛି ବର୍ଷ ପ୍ରାରମ୍ଭରେ ଉତ୍ପାଦିତ ଶସ୍ୟର ଅନ୍ନକୁ ବିଶେଷ କରି ବର୍ଷର ଅମଳ ପ୍ରାରମ୍ଭରୁ ଉତ୍ପାଦିତ ହେଉଥିବା ଧାନରୁ ଯେଉଁ ଅନ୍ନ ବାହାରେ ସେହି ଅନ୍ନକୁ ନିଜଇଷ୍ଟ ଦେବାଦେବୀଙ୍କ ଅର୍ପଣକରି ସେହି ପ୍ରସାଦ ନିଜେ ଗ୍ରହଣ କରିବା ସଙ୍ଗେସଙ୍ଗେ ଅନ୍ୟ ମାନଙ୍କୁ ଫଂକ୍ତି ଭୋଜନରେ ଆପ୍ୟାୟିତ କରିବାର ଆନନ୍ଦ ଉଲ୍ଲାସର ଧାରା । ଧାନ ବିଲରେ କାମ କରିବାକୁ ଯାଉଥିବା ଚାଷୀଗଣ ଧାନ ଅମଳର ଖୁସିରେ ଚାଷୀମାନେ ଏହାକୁ ପାଳନ କରିଥାନ୍ତି । ବର୍ଷା ଶେଷ ହେବାପରେ ଶରତ ଋତୁ ଧରା ପୃଷ୍ଠରେ ଅବତରଣ କରେ । ଏହି ସମୟରେ ଚାଷୀ ଜମିରେ ବେଉଷଣ କାର୍ଯ୍ୟ ଆରମ୍ଭ କରିଥାଏ । ପରେ ସହଳ ଅମଳକ୍ଷମ ଧାନ ଗର୍ଭଧାରଣ କରି କେଣ୍ଡା ପକେଇବାର କାର୍ଯ୍ୟ କରିଥାଏ । ଚାଷୀଭାଇ ପ୍ରଥମକରି ମହାନନ୍ଦରେ ଅମଳକ୍ଷମ ଧାନକୁ ଇଷ୍ଟଦେବୀଙ୍କଠାରେ ସମର୍ପଣ କରିବା ହିଁ ନବାନ୍ନ ଭକ୍ଷଣ । ଏହାକୁ ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ଭାଷାରେ ଏହାକୁ ନୂଆଁଖାଇ କୁହାଯାଏ । ନୂଆଖାଇ ପାଳନ ନିମନ୍ତେ ସେମାନେ ଆଗରୁ 'ଲଗ୍ନ' ବା 'ତିଥି' ନିର୍ଣ୍ଣୟ କରି ପୂଜା ଆଦି ସହ ଆରିସା ପିଠା ଭୋଗ କରିଥାନ୍ତି ।

ଠିକ୍ ସେହିପରି ଜଣାଯାଏ ଶ୍ରାବଣ ମାସରେ ମାଣ୍ଡିଆ ନୂଆଖିଆ ଓ ଗୁର୍ଜୀ ନୂଆଖିଆ, ଦଶହରା ଶୁକ୍ଳ ଦଶମୀ ଦିନ ବାଲିଗଜା ସମୟରେ ମକା ମଞ୍ଜିର ଗଜାକରି ପୂଜା କରିବା ପରେ ମକା ଖାଇବା ପରମ୍ପରା ଥିଲା । ଦଶହରା ଅଷ୍ଟମୀ ଦିନ ପୁଅ ଜିଉନ୍ତିଆ ଓଷା କରିସାରିବା ପରେ କମଳା ଜାତୀୟ ଫଳ ପୂଜା କରିସାରିବା ପରେ ସେହି ଫଳସବୁ ଖାଇବା ପଶ୍ଚିମ ଓଡିଶାର ଏକ ମୁଖ୍ୟ ପ୍ରଥା ଅଟେ । ମାର୍ଗଶୀର ମାସର କୃଷ୍ଣପକ୍ଷ ଅଷ୍ଟମୀ ଦିନ ଶିମ୍ବ, କଖାରୁ, ବିରି, ଝୁଡଙ୍ଗ, ମୂଳା ଇତ୍ୟାଦିକୁ ଦେବାତାଙ୍କୁ ଅର୍ପଣ କରିସାରିବା ପରେ ଖିଆଯାଇଥାଏ । ଫାଲଗୁନ ପୂର୍ଣ୍ଣିମା ଦିନ ଆମ୍ବକୁ ଦେବତାଙ୍କ ପାଖରେ ପୂଜା କରି ସେହିଦିନ ଠାରୁ ଖିଆଯାଏ । ଏତେସବୁ ଘଟଣା ପରେ ମଧ୍ୟ ମୁଖ୍ୟତଃ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଧାନଚାଷକୁ ପ୍ରାଧାନ୍ୟ ଦିଆଯାଇଛି । ପରମ୍ପରା ଅନୁଯାୟୀ ସେହି ଅଂଚଳବାସୀ ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ନୂଆଖାଇ ପର୍ବ ମହା ଧୂମଧାମରେ ପାଳନକରି ଆସୁଛନ୍ତି । ତେଣୁ ଏହା ହିଁ ପଶ୍ଚିମ ଓଡିଶାର ମୁଖ୍ୟପର୍ବ ବା ଗଣପର୍ବ କହିଲେ କୌଣସି ପ୍ରକାର ଅତ୍ୟୁକ୍ତି ହେବନାହିଁ ।

ପଶ୍ଚିମାଞ୍ଚଳରେ ଗ୍ରାମ ବା ସହରର ପଡ଼ା ଅଞ୍ଚଳରେ ନୂଆଖାଇ ଦିନ ପରମ୍ପରା ଅନୁସାରେ ନବାନ୍ନ ଦେଇ ପୂଜା ବିଧି ସମାପ୍ତ ହେବା ପରେ ପରିବାରର ମୁଖ୍ୟଙ୍କ ହାତରୁ ସମସ୍ତେ ନବାନ୍ନ ଭୋଗ ଗ୍ରହଣ କରନ୍ତି । ତାହା ଖାଇ ସାରି ପରିବାରର ସମସ୍ତ ବ୍ୟକ୍ତି ନିଜର ବୟସ୍କମାନଙ୍କୁ ଭୂମିଷ୍ଠ ପ୍ରଣାମ ସହ ଆଶୀର୍ବାଦ ଗ୍ରହଣ କରନ୍ତି । ପରେ ପିଠା ପଣା ସହ ନବାନ୍ନ ଭୋଜି ଖାଇ ସାରି ଗ୍ରାମ ବା ପଡ଼ୋଶୀରେ ଥିବା ସମସ୍ତ ବୟୋଜ୍ୟେଷ୍ଠ ମାନଙ୍କୁ ଭେଟି ପ୍ରଣାମ କରି ଆଶୀର୍ବାଦ ନେଇଥାନ୍ତି । ଏହି ସମୟରେ ଗ୍ରାମ ବା ପଡ଼ାର ଲୋକମାନେ ପରସ୍ପର ଭିତରେ ଥିବା ଭେଦ ଭାବ ଭୁଲି ଯାଆନ୍ତି । ପରିବାରମଧ୍ୟରେ ଥିବା ମତଭେଦ ମଧ୍ୟ ଏହି ସମୟରେ ସମାଧାନ ହୋଇଥାଏ । ସମସ୍ତେ ପୁଣି ଏକଜୁଟ ହୋଇ ରହନ୍ତି । ଏହା ନୂଆଖାଇ ପର୍ବର ଏକ ବିଶେଷତ୍ୱ । ପାରିବାରିକ ସଂହତି ରକ୍ଷା, ସାମାଜିକ କ୍ଷେତ୍ରରେ ଏକତ୍ରିତ ହୋଇ ଗୋଟିଏ ସୂତ୍ରରେ ବାନ୍ଧି ହୋଇ ରହିବବାର ଏହା ଏକ ମାଧ୍ୟମ ।

କହିବାକୁ ଗଲେ ପୁରା କାଳରୁ ନବାନ୍ନ ସମୟରେ ପରିବାରର ସମସ୍ତେ ଏକାଠି ନବାନ୍ନ ଗ୍ରହଣ କରିବାର ପରମ୍ପରା ଥିଲା । ତେଣୁ ନବାନ୍ନ ଆଗରୁ ଯିଏ ଯେଉଁଠି ଦୂର ବିଦେଶରେ ରହୁଥିଲେ ମଧ୍ୟ ନବାନ୍ନ ସମୟ ଆଗରୁ ନିଜ ପୈତୃକ ଗୃହକୁ ଫେରି ଆସୁଥିଲେ । ଯଦିଓ ଆଗ କାଳରେ ପୁଅ ଝିଅମାନେ ପ୍ରାୟତଃ ବେଶୀ ଦୂରରେ ରହୁନଥିବାରୁ ଏହା ସମ୍ଭବ ହୋଇ ପାରୁଥିଲା । କିନ୍ତୁ ଆଜିର ଯୁଗ ପରିବର୍ତ୍ତନ ସହ ଅନେକ ଘରେ ପୁଅ, ବୋହୂ , ଝିଅମାନେ ବହୁ ଦୂର ଦୁରାନ୍ତରେ ନିଜର ଜୀବିକା ସ୍ଥଳୀରେ ରହିଥାନ୍ତି । ତେଣୁ ଅନେକ କ୍ଷେତ୍ରରେ ନବାନ୍ନ ସମୟରେ ସେମାନେ ଏବେ ଗୃହକୁ ଫେରି ଆସିବା ସମ୍ଭବ ହେଇ ନାହିଁ । ଏହି ଦୃଷ୍ଟିରୁ ଏକ ପରମ୍ପରା ଅନୁସାରେ ସେହି କ୍ଷେତ୍ରରେ କେତେକ ପରିବାର ଦଶହରାର ଅଷ୍ଟମୀ ତିଥିରେ ନବାନ୍ନ ଯଥାରୀତି ପାଳନ କରୁଥିବା ଦେଖାଯାଏ । ଏପରିକି ଯେଉଁମାନେ ନିଜ ଭିଟାମାଟିକୁ ଆସି ନ ପାରନ୍ତି, ସେମାନେ ନିଜେ ରହୁଥିବା ଜାଗାରେ ନୂଆଖାଇ ପାଳନ କରିଥାନ୍ତି ।

ଜଣାପଡିଛି ଆଗକାଳରେ ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମ ଅନୁସାରେ ନୂଆଖାଇବାର ଲଗ୍ନ ଧାର୍ଯ୍ୟ କରି ଭିନ୍ନ ଭିନ୍ନ ଦିନ ନୂଆ ଖାଉଥିଲେ । ରାଜାରାଜୁତା ଶାସନ ପରେ ମଧ୍ୟ ରାଜାଙ୍କ ଇଷ୍ଟଦେବୀଙ୍କ ନାମ ଅନୁସାରେ ପଣ୍ଡିତମାନେ ନବାନ୍ନ ଭକ୍ଷଣ ତିଥି ବାହାର କରୁଥିଲେ । ସେହି ଦୃଷ୍ଟିରୁ ୧୯୯୧ ମସିହା ପର୍ଯ୍ୟନ୍ତ ନୂଆଖାଇ ପର୍ବ ପ୍ରତ୍ୟେକ ବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ତିଥିରେ ପାଳିତ ନ ହୋଇ ଭାଦ୍ରବ ଶୁକ୍ଳପକ୍ଷର ଯେକୌଣସି ଏକ ତିଥିରେ ପାଳିତ ହେଉଥିଲା । ପ୍ରଥମ କରି ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସାରା ଓଡ଼ିଶାରେ ଗୋଟିଏ ଦିନରେ ନୂଆଖାଇ ପର୍ବ ପାଳନ କରାଯିବା ପାଇଁ ଘୋଷଣା କରି ସାରା ଓଡ଼ିଶା ସରକାରୀ ଛୁଟି କରିବା ପାଇଁ ମଧ୍ୟ ଘୋଷଣା କରିଥିଲେ । ଏହି ପଦକ୍ଷେପକୁ ପଶ୍ଚିମ ଓଡ଼ିଶାର ସବୁ ମହଲରେ ଚିନ୍ତାକରାଯାଇ ସର୍ବସମ୍ମତ କ୍ରମେ ଗଣେଶ ପୂଜାର ପରଦିନ ଅର୍ଥାତ୍ ଋଷି ପଞ୍ଚମୀ ଦିନଟି ସ୍ଥିର କରାଯାଇଛି । ସେହି ବର୍ଷଠାରୁ ପ୍ରତ୍ୟେକ ବର୍ଷ ପଶ୍ଚିମାଞ୍ଚଳରେ ଗୋଟିଏ ଦିନରେ ନୂଆଖାଇ ପର୍ବ ତିଥି ଅନୁସାରେ ପାଳିତ ହୋଇ ଆସୁଛି ।

ଅବଶ୍ୟ କଳାହାଣ୍ଡି ଜିଲ୍ଲାର କିଛି ଅଞ୍ଚଳରେ ଏହା ଭାଦ୍ରବ ଶୁକ୍ଳ ଦଶମୀ ତିଥିରେ ପାଳନ କରାଯାଇଥାଏ । ପୂର୍ବାଞ୍ଚଳରେ ଏହା ଆଶ୍ ?ନ ମାସର ମହାଳୟା ତିଥି ଭିତରେ ସମ୍ପନ୍ନ ହେବାର ବିଧାନ ରହିଅଛି । ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଅପରପକ୍ଷ ମହାଳୟା ପରଠାରୁ ପିତୃ ପୁରୁଷ ପିଣ୍ଡଦାନ ଶ୍ରାଦ୍ଧରେ ଏହି ନବାନ୍ନ ଦେବାର ବ୍ୟବସ୍ଥା ଅଛି । ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ପ୍ରସିଦ୍ଧ ପୂଜ୍ୟ ଦେବତା ଯଥା ସମ୍ବଲପୁରର ସମଲେଶ୍ୱରୀ, ବଲାଙ୍ଗିରର ପାଟଣେଶ୍ୱରୀ, ସୋନପୁରର ସୋନେଶ୍ୱରୀ, କଳାହାଣ୍ଡିର ମାଣିକେଶ୍ୱରୀ ଆଦିଙ୍କ ପୀଠରେ ନୂଆଖାଇ ଅବସରରେ ନୂଆ ଧାନକୁ କ୍ଷୀର ସହ ମିଶାଇ ପୂଜା କରାଯାଏ । ଘରର ବହୋଜ୍ୟେଷ୍ଠ ବ୍ୟକ୍ତି ବା ମହିଳା ଏହି ପ୍ରଥମ ଧାନରେ ତିଆରି ଭୋଗକୁ ପରିବାରର ସମସ୍ତଙ୍କୁ ବାଣ୍ଟିଥାନ୍ତି । ଏହି ଦିନଟିର ଅମୃତବେଳା ବା ଶୁଭବେଳା ଜ୍ୟୋତିଷମାନଙ୍କ ଦ୍ ?ାରା ନିର୍ଣ୍ଣୟ କରାଯାଇ ସେହି ମୁହୂର୍ତ୍ତରେ ନୂଆଭାବରେ ଅମଳ କରାଯାଇଥିବା ଷାଠିଆଧାନରୁ ପ୍ରସ୍ତୁତ ଅନ୍ନକୁ ରାନ୍ଧି ଭକ୍ଷଣ କରିଥାନ୍ତି । ନୂଆଧାନରୁ ପ୍ରସ୍ତୁତ ଚୁଡ଼ା, ଭାତ, କ୍ଷୀରି, ଆରିସା ଓ ମଣ୍ଡାପିଠା ନିଜ ନିଜ ଘରେ ପ୍ରସ୍ତୁତ କରି ନିଜ ନିଜର ଇଷ୍ଟଦେବୀ, ଗ୍ରାମଦେବୀ (ମାଉଳୀ), ଦେବତା, ଆରାଧ୍ୟ ପାଖରେ ପ୍ରଥମେ ଅର୍ପଣ କରି ସମସ୍ତେ ଏକାଠି ବସି ଖାଇଥାନ୍ତି । ଖାଇସାରିବା ପରେ ପାରସ୍ପରିକ ଭେଟଘାଟ ପର୍ବ ଆରମ୍ଭ ହୋଇଥାଏ ।

ସେହିପରି ଇତିହାସରୁ ଜଣାପଡ଼େ ୧୮୫୩ ମସିହା ବେଳକୁ କଳାହାଣ୍ଡିର ମହାରାଜା ଉଦିତ ପ୍ରତାପ ଦେଓଙ୍କ ଶାସନ କାଳରେ ସମ୍ବଲପୁରର କୁଲତା ସଂପ୍ରଦାୟର ଲୋକମାନଙ୍କୁ ନିମନ୍ତ୍ରଣ କରି କଳାହାଣ୍ଡିରେ ଚାଷର ବିକାଶ କରିଥିଲେ । ତେଣୁ କଳାହାଣ୍ଡିର ଗଣପର୍ବ ଯେମିତି ନୂଆଖାଇ ଠିକ ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଣବାଦ୍ୟ ରୂପେ ଘୁମୁରା ବେଶ ପ୍ରଚଳିତ । ନୂଆଖାଇ ଆସିବା ପୂର୍ବରୁ ପୋଏଲ ଉଆଁସ ଅର୍ଥାତ ଶ୍ରାବଣ ଅମାବାସ୍ୟା ଦିନ ଘୁମୁରା ବାଦ୍ୟ ସବୁକୁ ପୂଜାକରି ଏହି ଗଣବାଦ୍ୟ ଘୁମୁରା ବାଦ୍ୟର ଅଭ୍ୟାସ ଆରମ୍ଭ କରାଯାଉଥିବାର ମଧ୍ୟ ପରଂପରା ରହିଛି । ନୂଆଖାଇ ଦିନ ତାର ଆଡୁମ୍ବରପ୍ରକାଶ ଘଟି ସମସ୍ତଙ୍କ ଘରକୁ ଘର ବୁଲି ଘୁମୁରାନୃତ୍ୟ ବାଦ୍ୟ ପରିବେଷଣ କରିବାର ପରଂପରା ଆଜିମଧ୍ୟ ପ୍ରଚଳିତ । ଏପରିକି ବରଗଡ଼ ଜିଲ୍ଲାର ସୋହେଲା ବ୍ଲକର ସମଲେଇଟିକ୍ରା ଗ୍ରାମର ଗ୍ରାମବାସୀମାନେ ଏକ ନିଆରା ଢଙ୍ଗରେ ନୂଆଖାଇ ପାଳନ କରନ୍ତି । ସେଠାରେ ପାରମ୍ପରିକ ପୂଜା ସହ ଗାଁକୁ ଆମ୍ବ ତୋରଣରେ ସଜାଯାଏ । ସାରା ଗାଁଲୋକେ ଭାଇଚାରାର ନୀତିରେ ଗ୍ରାମମଝିରେ ଥିବା ମନ୍ଦିର ପଡ଼ିଆରେ ଏକାଠି ମିଶି ନୂଆ ଖାଇଥାନ୍ତି ।

ସତରେ ପଶ୍ଚିମ ସହିତ କେଉଁ ଆବହମାନ କାଳରୁ ଏହି ନୂଆଁଖାଇ ପର୍ବ ଓଡିଶାର ଅବିଭକ୍ତ କଳାହାଣ୍ଡି, ବଳାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ ଓ ବଉଦ ଜିଲ୍ଲା ସମେତ କୋରାପୁଟର କେତେକ ଅଂଚଳ ଓ ଛତିଶଗଡ ରାଜ୍ୟର ଦେଓଭୋଗ ସମେତ କେତେକ ଅଂଚଳରେ ନୂଆଖାଇ ପର୍ବ ଖୁବ ଧୂମଧାମରେ ପାଳିତ ହୋଇଆସୁଛି । ଏହା କେବଳ ସମଗ୍ର ଓଡ଼ିଶାରେ ବିଶେଷ କରି ଓଡ଼ିଶାର ପଶ୍ଚିମାଞ୍ଚଳ ଏବେ ଲୋକ ପର୍ବ ହୋଇ ରହିନାହିଁ । ଏବେ ଦେଶର ବିଭିନ୍ନ ଅଞ୍ଚଳରେ ତଥା ବିଦେଶରେ ରହୁଥିବା ପଶ୍ଚିମ ଓଡ଼ିଶାର ଲୋକ ନବାନ୍ନ ଦିନ ଘରେ ଅନୁଉପସ୍ଥିତ ହେଲେ ନିଜେ ରହୁଥିବା ଜାଗାରେ ନୂଆଖାଇ ପାଳନ କରୁଛନ୍ତି । ବିଶେଷକରି ଗୁଜରାଟର ସୁରତ, ଛତିଶଗଡ଼ର ରାୟପୁର, ବିଶାଖାପାଟଣା, ଚେନ୍ନାଇ, ମୁମ୍ବାଇ ଓ ଦିଲ୍ଲୀ ଆଦି ସହରରେ ଏହା ପାଳନ କରାଯାଉଛି ।

ବାସ୍ତବରେ ମାଟି ଓ ମଣିଷର ଯେଭଳି ନିବିଡ଼ ସଂପର୍କ ରହିଛି ସେହି ସଂପର୍କରୁ ଉଦବୁଦ୍ଧ ଏହି କୃଷି ଭିତ୍ତିକ ପର୍ବ ସମାଜରେ ଐକ୍ୟବଦ୍ଧତା, ଭାତୃଭାବ ପ୍ରତିଷ୍ଠା କରିବା ପାଇଁ ଗଣପର୍ବ ନୂଆଁଖାଇ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ନୂଆଁଖାଇ ଜୁହାର ଅବସରରେ - ହଳଧର ନାଗଙ୍କ କବିତାରୁ ଏକ ଛୋଟ ଫଂକ୍ତି ମନେପଡେ-

'ଜିଇଁଛୁ ବେଳକେ ଆସି ଭାଏ ବନ୍ଧୁ
ହେମା ନୂଆଖାଇ ଭେଟ୍
ସଂସାର ଡୋର୍ ଥି ବନ୍ଧା ହୋଇଥିମା
ଗାଁ ଯାକର ହେଇ ମେଟ୍ !'
ସଭିଙ୍କୁ ମୋର ନୂଆଁଖାଇ ଜୁହାର...

ଡକ୍ଟର ଲକ୍ଷ୍ମଣ ସାହୁ
ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ୱାତକ ମହାବିଦ୍ୟାଳୟ,
କଟକ-୪, ମୋ- ୯୦୪୦ ୧୫୧୪୭୫

ସାମାଜିକ ସଂହତିର ପରମ୍ପରା-ନୂଆଁଖାଇ

'ବାରମାସରେ ତେର ପର୍ବ'ର ରାଜ୍ୟ ଓଡ଼ିଶା । ଏଠାକାର ପ୍ରତ୍ୟେକ ପର୍ବପର୍ବାଣିରେ ରହିଛି ମାଟିର ମହକ, ମଣିଷର ମମତା ଓ ଜୀବନର ଅନନ୍ୟ ଅନୁଭବ । ସେହି ପରମ୍ପରାର ଏକ ଉଜ୍ଜ୍ୱଳ ଅଧ୍ୟାୟ ହେଉଛି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ । ଏହା କେବଳ ନୂଆ ଧାନ ଖାଇବାର ପର୍ବ ନୁହେଁ ଏହା ମାଟି, ଚାଷୀ, ଅନ୍ନଦାତ୍ରୀ ପ୍ରକୃତି ଓ ସମାଜ ମଧ୍ୟରେ ଥିବା ଆତ୍ମିକ ସମ୍ପର୍କର ଏକ ପବିତ୍ର ଉତ୍ସବ । ନୂଆଁଖାଇ ଆସିଲେ ଗାଁରୁ ସହର, ଦେଶରୁ ବିଦେଶସମସ୍ତେ ନିଜ ମାଟି ଓ ମଣିଷଙ୍କ ପାଖକୁ ଫେରିବାର ଆକୁଳତା ଅନୁଭବ କରନ୍ତି । 'ନୂଆଁ' ଅର୍ଥ ନୂତନ ଏବଂ 'ଖାଇ' ଅର୍ଥ ଖାଇବା । ଅର୍ଥାତ୍ ନୂଆଁଖାଇ ହେଉଛି ନୂତନ ଅନ୍ନକୁ ପ୍ରଥମେ ଦେବଦେବୀଙ୍କୁ ଅର୍ପଣ କରି, ପରେ ତାହାକୁ ପ୍ରସାଦ ଭାବରେ ଗ୍ରହଣ କରିବାର ପରମ୍ପରା । ଏହାର ମୂଳରେ ରହିଛି କୃଷିଭିତ୍ତିକ ଜୀବନ ଓ ପ୍ରକୃତି ପ୍ରତି କୃତଜ୍ଞତା । ଐତିହାସିକ ଭାବେ ପଶ୍ଚିମ ଓଡ଼ିଶାର ଆଦିବାସୀ ଓ କୃଷକ ସମାଜରେ ନୂଆ ଫସଲ ଉପଲକ୍ଷେ ଏପରି ଅନ୍ନ ଉତ୍ସବର ପରମ୍ପରା ରହିଥିଲାଟ କାଳକ୍ରମେ ଏହା ବ୍ୟାପକ ସାମାଜିକ ପର୍ବର ରୂପ ନେଇଛି । ସମ୍ବଲପୁର ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠ ସହ ନୂଆଁଖାଇର ଗଭୀର ସମ୍ପର୍କ ରହିଛି । ଚାଷୀ ନିଜ ଜମିର ପ୍ରଥମ ଫସଲ ମା'ଙ୍କୁ ଅର୍ପଣ କରିବା ପରେ ତାହା ଗ୍ରହଣ କରିବା ଏହି ପରମ୍ପରାର ମୂଳ ଭାବନା । ନୂଆଁଖାଇ ପାଇଁ ଅନେକ ଦିନ ପୂର୍ବରୁ ଘରଦ୍ୱାର ସଫାସୁତୁରା କରାଯାଏ । ନୂଆ ବସ୍ତ୍ର, ପୂଜାସାମଗ୍ରୀ ଓ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତିର ଆୟୋଜନ ହୁଏ । ଦୂରଦୂରାନ୍ତରେ ରହୁଥିବା ପରିବାର ସଦସ୍ୟମାନେ ମଧ୍ୟ ଏହି ପର୍ବରେ ନିଜ ଘରକୁ ଫେରିବାକୁ ଚେଷ୍ଟା କରନ୍ତି । ଫଳରେ ପର୍ବଟି ପରିବାରକୁ ଏକାଠି କରିବାର ଏକ ସୁନ୍ଦର ଅବସର ପାଲଟିଯାଏ । ନିର୍ଦ୍ଧାରିତ ଶୁଭଲଗ୍ନରେ ନୂଆ ଧାନରୁ ପ୍ରସ୍ତୁତ ଅନ୍ନ ଅଧିଷ୍ଠାତ୍ରୀ ଦେବଦେବୀଙ୍କୁ ଅର୍ପଣ କରାଯାଏ । ଅଞ୍ଚଳଭେଦରେ ଉପାସ୍ୟ ଦେବଦେବୀ, ଆଚାର ଓ ଖାଦ୍ୟ ପ୍ରସ୍ତୁତିରେ କିଛି ପାର୍ଥକ୍ୟ ଥିଲେ ମଧ୍ୟ ମୂଳ ଭାବନା ଏକପ୍ରଥମ ଅନ୍ନ ଈଶ୍ୱରଙ୍କର, ପରେ ମଣିଷର । ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଐତିହାସିକ ଭାବେ ଭିନ୍ନ ଦେବାଦେବୀଙ୍କ ନାମରେ ନୂଆଁଖାଇର ତିଥି ଓ ଶୁଭଲଗ୍ନ ନିର୍ଦ୍ଧାରିତ ହେଉଥିଲା । ନୂଆଁ ଖାଇବା ପରେ ଆରମ୍ଭ ହୁଏ ଆଉ ଏକ ଅତ୍ୟନ୍ତ ମଧୁର ପରମ୍ପରାନୂଆଁଖାଇ ଭେଟଘାଟ । ସାନ, ବଡ଼, ଧନୀ, ଗରିବ, ଆତ୍ମୀୟ, ବନ୍ଧୁସମସ୍ତେ ପରସ୍ପରଙ୍କ ଘରକୁ ଯାଇ ଭେଟନ୍ତି, ଶୁଭେଚ୍ଛା ଜଣାନ୍ତି ଓ ବୟୋଜ୍ୟେଷ୍ଠଙ୍କ ଆଶୀର୍ବାଦ ଗ୍ରହଣ କରନ୍ତି । ସମ୍ବଲପୁର ଅଞ୍ଚଳରେ 'ନୂଆଁଖାଇ ଭେଟଘାଟ' ପରିବାର, ବନ୍ଧୁ ଓ ସମାଜକୁ ଏକତ୍ର କରୁଥିବା ପରମ୍ପରା ଭାବେ ପରିଚିତ ।

ବାଲିତୃତୀୟାରେ ଜଂଘା ବଡ଼ଦେଓଙ୍କ ନବାହ୍ନ ଭୋଗ
ଶ୍ରଦ୍ଧା ଓ ଭକ୍ତିରେ ପାଳିତ ହେଲା ପାରମ୍ପରିକ ପୂଜା

ଆଠମଲ୍ଲିକ, ୧୪/୯ (ଅକ୍ଷର ଓଡ଼ଶା): ବାଲି ତୃତୀୟା ଅବସରରେ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଆମ୍ବସରମୁଣ୍ଡା ସ୍ଥିତ ଜଂଘା ବଡ଼ଦେଓ ପେନ୍‌ଠାନା ରେ ପବିତ୍ର ବାଲିତୃତୀୟା ଓ ନବାହ୍ନ

ଭୋଗ ଉତ୍ସବ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି ।ପାରମ୍ପରିକ ରୀତିନୀତି ଅନୁଯାୟୀ ଗୋଣ୍ଡୱାନା ସମାଜର ଆରାଧ୍ୟ ଦେବତା ଜଂଘା ବଡ଼ଦେଓଙ୍କୁ ପୂଜା ମଣ୍ଡପକୁ ଅଣାଯାଇ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ପ୍ରଭୁଙ୍କ ନିକଟରେ ନବାହ୍ନ ଭୋଗ ଅର୍ପଣ କରାଯାଇଥିଲା । ଏହି ଅବସରରେ ମନ୍ଦିର ସଭାପତି ରମେଶ ଚନ୍ଦ୍ର ସାଏ, ଆଠମଲ୍ଲିକ ଗୋଣ୍ଡ ପରିଷଦ ସଭାପତି ପ୍ରସନ୍ନ କୁମାର ନାୟକ, ସମ୍ପାଦକ ସାନନ୍ଦ ନାୟକ, କୋଷାଧ୍ୟକ୍ଷ ଯଦୁମଣି ନାୟକ, ଆମ୍ବସରମୁଣ୍ଡା ପୁଞ୍ଜ ସଭାପତି ଭଜମନ ନାୟକ, ମିଣ୍ଡୋଳ ପୁଞ୍ଜ ସଭାପତି ଯୁଧିଷ୍ଠିର ସିଂ, ଖମାର ପୁଞ୍ଜ ସଭାପତି ମାଗୁଣି ନାୟକ, ସମ୍ପାଦକ ବସନ୍ତ ନାୟକ, ଅନୁଗୋଳ ଜିଲ୍ଲା ଉପସଭାପତି ତରଣୀସେନ ନାୟକଙ୍କ ସମେତ ବିଭିନ୍ନ ପୁଞ୍ଜର କର୍ମକର୍ତ୍ତା ଓ ଗୋଣ୍ଡୱାନା ସମାଜର ବହୁ ସଦସ୍ୟ ଯୋଗଦେଇଥିଲେ ।ଆସନ୍ତା ବର୍ଷ ବାଲିତୃତୀୟା ଓ ନବାହ୍ନ ଭୋଗ ପୂଜାକୁ ଆହୁରି ଧୂମଧାମରେ ଏବଂ ଶୃଙ୍ଖଳିତ ଭାବେ ପାଳନ କରିବା ନେଇ ଏହି ଅବସରରେ ସମାଜର କର୍ମକର୍ତ୍ତା ଓ ସଦସ୍ୟମାନେ ଆଲୋଚନା କରିଥିଲେ ।

ମୌଳିକ ସୁବିଧାରୁ ବଞ୍ଚିତ ଗୁଦାଦଣି ସମେତ ୪ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ
ବର୍ଷା ଦିନେ ନଦୀ ଯୋଗୁଁ ହନ୍ତସନ୍ତ

ଫିରିଙ୍ଗିଆ, ୧୪/୦୯ (ମନୋଜ ସାହୁ) ସ୍ୱାଧୀନତା ର ଦୀର୍ଘ ବର୍ଷ ପରେ ବି ଅବହେଳିତ ଫିରିଙ୍ଗିଆ ବ୍ଲକ ର ଅନେକ ଉପାନ୍ତ ଅଞ୍ଚଳବାସୀ ଏବେ ପର୍ଯ୍ୟନ୍ତ ଉପାନ୍ତ ଅଞ୍ଚଳ ବାସୀ ବିଭିନ୍ନ ସମସ୍ୟାରେ ପେଷି ହେଉଥିବା ବେଳେ ସରକାରଙ୍କ ବିଭିନ୍ନ ଯୋଜନା ଏମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି । କେଉଁଠି ରାସ୍ତା ଘାଟ ନାହିଁନ୍ତ କେଉଁଠି ଆଜି ପର୍ଯ୍ୟନ୍ତ ସାଧାରଣ ଭାବରେ ପିଇବା ପାଣି ପାଇଁ ଲୋକେ ତହଲ ବିକଳ ହଉ ଛନ୍ତି ।ଯାତାୟତ ଓ ପିଇବା ପାଇଁ ପାଣି ଟୋପାଏ ପାଇଁ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି କ୍ଷ ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରୁ ମାତ୍ର ୧୫ କିଲୋମିଟର ଦୁର ଓ ନୂଆପଦର ପଞ୍ଚାୟତ ର କାଲିପାଙ୍ଗା ଗାଁ ଛକରୁ ମାତ୍ର ୪ ରୁ ୫ କିଲୋମିଟର ଦୁର ଗୁଦାଦଣି, ଲଇଯୋଡି, ଦାମାଯୋଡି, ବେଡାକେତା, ଲାଡୁମାହା ଭଳି ୪ ରୁ ୫ ଟି ଗାଁର ଲୋକମାନେ ଆଜି ପର୍ଯ୍ୟନ୍ତ ଅବହେଳିତ ହୋଇ ରହିଛନ୍ତି । ଗାଁକୁ କେବଳ ବିଦ୍ୟୁତ ସଂଯୋଗ ହୋଇଛି ଯାହାକି ବିଦ୍ୟୁତ କଟିଲେ ଦୀର୍ଘ ଦିନ ଧରି ଅଞ୍ଚଳ ବାସୀ ଅନ୍ଧାର ରେ ଜୀବନ କାଟନ୍ତି କ୍ଷ ବର୍ଷା ଅଧିକ ହେଲେ ଛୋଟ ଛୋଟ ନଦୀ ରେ ପାଣିରେ ପଶି ଯିବାକୁ ପଡୁଛି । ବର୍ଷା ଦିନେ ଆସିଲେ ଛୋଟ ଛୋଟ ନଦୀ ପାର କରିବା ଅସମ୍ଭବ ହୋଇ ପଡୁଛି । ଆଜି ପର୍ଯ୍ୟନ୍ତ ନଦୀ ଉପରେ ପୋଲ ଟିଏ ପାଇଁ ଗ୍ରାମ ବାସୀ ବହୁତ ବର୍ଷ ହେଲା ଗୁହାରି ଜଣେଇଛନ୍ତି । ଏହି ଗାଁକୁ ରାସ୍ତା ଟିଏ ବି ହୋଇ ପାରି ନାହିଁ ଯାହାଦ୍ୱାରା ଅଞ୍ଚଳ ବାସୀ ଯାତାୟତ ସମସ୍ୟା ଭୋଗୁଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ କୁ ଯିବାକୁ ହେଲେ ୭ ରୁ ୮ କିଲୋମିଟର ଯିବାକୁ ଅଞ୍ଚଳ ବାସୀ ନାହିଁ ନଥିବା ଅସୁବିଧା ଭୋଗୁଥିବା କହିଛନ୍ତି । ରୋଗୀ କିମ୍ବା ଗର୍ଭବତୀ ମହିଳା ଙ୍କୁ ବର୍ଷା ଦିନେ ଖଟିଆ କିମ୍ବା ଦୋଳାରେ ବୋହି କିଲୋମିଟର କିଲୋମିଟର ଦୁର ଆଣିବା ଏମାନଙ୍କ ପାଇଁ ସାଧାରଣ ହୋଇ ଯାଇଛି । ଆଜି ପର୍ଯ୍ୟନ୍ତ ଏହି ଗାଁ ଲୋକେ ଆମ୍ବୁଲାନ୍ସ ଗାଡି ଯିବାର ଦେଖି ନାହାନ୍ତି । ଏହି ଗାଁକୁ ଯିବାକୁ ହେଲେ ବାଟରେ ଛୋଟ ଛୋଟ ୩ଟି ନାଳ ପଡୁଥିବା ବେଳେ ଗୋଟିଏ ନଦୀ ରେ ବିଦ୍ୟୁତ ଖୁଣ୍ଟ ପକାଇ ଲୋକେ ଯାତାୟତ କରୁଛନ୍ତି । ଖରା ଦିନରେ ଯାତାୟତ କାଠ ପୋଲ ଉପରେ କରୁଥିବା ବେଳେ ବର୍ଷା ଦିନ ଆସିଲେ ପ୍ରାୟତଃ ଏମାନଙ୍କ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥାଏ କ୍ଷ ମେଡିକାଲ ସମସ୍ୟା ସହ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଚାଉଳ ଆଣିବା ହେଉ କି ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ ଲୋକେ ବହୁ କଷ୍ଟ ସହିବାକୁ ପଡୁଥିବା କହିଛନ୍ତି ଗ୍ରାମବାସୀ । ଗାଁରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଥିଲା କିନ୍ତୁ ଗତ କିଛି ବର୍ଷ ପୂର୍ବରୁ ତାହା ଉଠି ଯିବାରୁ ପିଲାଙ୍କ ପାଠ ପଢ଼ାରେ ମଧ୍ୟ ଡୋରି ବାନ୍ଧି ଥିବା ବେଳେ ଅଧିକାଂଶ ପିଲା ପାଠ ନପଢି ଘରେ ରହିଥିବା କହିଛନ୍ତି ଗ୍ରାମବାସୀ । ଅଙ୍ଗନୱାଡି କେନ୍ଦ୍ର ନଥିବାରୁ ଛୋଟ ଛୋଟ ପିଲା ମାନେ କାଳିପାଙ୍ଗା ଜାଇ ପଢିବା ଅସମ୍ଭବ ହୋଇଥିବା ବେଳେ ଯିବାକୁ ହେଲେ ପାଖା ପାଖି ଜଙ୍ଗଲ ରାସ୍ତା ଦେଇ ୪ କିଲୋମିଟର ଯିବାକୁ ପଡୁଥିବାରୁ କେହି ପିଲାମାନଙ୍କୁ ଛାଡୁ ନାହାନ୍ତି । ଉପାନ୍ତ ଅଞ୍ଚଳ ଏବଂ ଜଙ୍ଗଲ ଏରିଆ ହୋଇଥିବାରୁ ପିଲାଙ୍କ ପାଠ ପଢା ସମସ୍ୟା ପାଲଟିଛି । ବର୍ତମାନ ସୁଦ୍ଧା ଗାଁରେ ପିଇବାକୁ ପାଣି ଟୋପାଏ ମିଳି ପାରୁନାହିଁ ଏଣୁ ଏହି ସମୂହ ଅଞ୍ଚଳ ବାସୀ ଦୀର୍ଘ ଦିନରୁ ଗାଁକୁ ରାସ୍ତା ଖଣ୍ଡିଏ ବ୍ୟବସ୍ଥା କରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଏମିତିକି ନିର୍ବାଚିତ ପ୍ରତିନିଧି ଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ଏହି ଘଟଣା କୁ ନେଇଁ ଅଞ୍ଚଳ ରେ ଅସନ୍ତୋଷ ଦେଖା ଦେଇଛି । ତୁରନ୍ତ କାଳୀପଙ୍ଗା ଠାରୁ ବେଡାକେତା ପର୍ଯ୍ୟନ୍ତ ପ୍ରାୟ ୮ କିଲୋମିଟର ଦୁର ରାସ୍ତା ନିର୍ମାଣ କରିବା ସହ ପିଇବା ପାଣି ର ବ୍ୟବସ୍ଥା କରିବାକୁ ଅଞ୍ଚଳ ବାସୀ ଦାବୀ କରିଛନ୍ତି ।

କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କଲେ ଆଳି ବିଧାୟକ

ରାଜକନିକା, ୧୪. ୯. (ନୁରେଇ ଖାନ). ରାଜକନିକା ବ୍ଲକ ଅଧୀନ ନହୁଣି ଗ୍ରାମପଞ୍ଚାୟତ, ମଦନମୋହନ ପାଟଣା ରେ ପବିତ୍ର ଗଣେଶ ପୂଜା ଅବସରରେ ଦଶ ଲକ୍ଷ ଟଙ୍କା ଅର୍ଥ ରାଶି ବିନିମୟ ରେ ଏକ କଲ୍ୟାଣ ମଣ୍ଡପ କୁ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଉଦଘାଟନ କରି ଲୋକଙ୍କ ବିବିଧ କାର୍ଯ୍ୟ ଯଥା ବିବାହ, ବ୍ରତ, ସଭା, ସମିତି ଉଦେଶ୍ୟ ରେ ଲୋକାର୍ପିତ ହୋଇଯାଇଛି. ଏହି ଅବସର ରେ ଆୟୋଜିତ ସଭାରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ ଅଧକ୍ଷତା କରି ଥିଲେ. ନହୁଣି ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ , ସମିତିସଭ୍ୟଙ୍କ, ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ବିଧାୟକଙ୍କୁ କୃତଜ୍ଞତା ଜଣାଇ ଥିଲେ. ଅରବିନ୍ଦ ପରିଡା ଧନ୍ୟବାଦ ଦେଇଥିଲା ବେଳେ କୈଳାସ ପରିଡା, ଲକ୍ଷଣ ବେହେରା, ନାରାୟଣ ବେହେରା, ରବୀନ୍ଦ୍ର କୁଣ୍ଡ, କିସାନ ଦାସ, ଦୁର୍ଯ୍ୟୋଧନ ପରିଡା, ପ୍ରେମାନନ୍ଦ ଦାସ ସଭା ପରିଚାଳନା ସହଯୋଗ କରି ଥିଲେ. ପ୍ରଥମେ ବିଧାୟକ ପହଂଚିବା ପରେ ତାଂକୁ ପାଛୋଟି ନେବା ସହ ଉତ୍ତରୀୟ ଦେଇ ଏପରି ଜନ ହିତେଇସି କାର୍ଯ୍ୟ ପାଇଁ ସାଧୁବାଦ ଦେଇଥିଲେ. ଏହି ମଣ୍ଡପ ଟି ଲୋକଙ୍କ ର ବିଭିନ୍ନ କାର୍ଯ୍ୟ ରେ ଉପଯୋଗ ହେବ ।

କିଶୋର ଚନ୍ଦ୍ର ଘାସି ନୂତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଯୋଗଦେଲେ

ଖଲ୍ଲିକୋଟ :୧୪/୦୯ (ଅକ୍ଷର ଓଡିଶା)ଖଲ୍ଲିକୋଟ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଆଉ ଜଣେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ପୂର୍ବରୁ ସେ ଏହି ବ୍ଲକରେ ବରିଷ୍ଠ ଶିକ୍ଷକ ତଥା କନକା କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରୂପେ ସଫଳତାର ସହିତ କାର୍ଯ୍ୟ ତୁଲାଇ ଆସିଛନ୍ତି । ଗତ ତା ୧୧/୦୯/୨୦୨୬ ରିଖ, ଶୁକ୍ରବାର ଦିନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସତ୍ୟନାରାୟଣ ଦାସ, ବି ଆର ସି ସି ସୁଷମା ଶବର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ନାୟକ, କାର୍ଯ୍ୟାଳୟର କର୍ମଚାରୀଙ୍କ ଉପସ୍ଥିତିରେ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବହୁବିଧ କାର୍ଯ୍ୟ ସହିତ ବିଭିନ୍ନ ସମୟରେ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକୁ ସୂଚାରୁ ରୂପେ ସମ୍ପନ୍ନ ହୋଇପାରିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଦାସ ଗଭୀର ଆଶା ବ୍ୟକ୍ତ କରିଛନ୍ତି । ତାହାଙ୍କ ନୂତନ ଦାୟିତ୍ୱ ଗ୍ରହଣ ନେଇ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ ଖୁସି ବ୍ୟକ୍ତ କରିଛନ୍ତି । ଏନେଇ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସ୍ୱାଗତ ଅଭିନନ୍ଦନ ଜଣାଇଛନ୍ତି ।

ଆସିକାର ବିଭିନ୍ନ ସ୍ଥାନରେ ଗଜାନନ ପୂଜା

ଆସିକା, ୧୪/୦୯(ଅକ୍ଷର ଓଡିଶା): ଆସିକା ସହର ଓ ପୂର୍ବପଲ୍ଲୀର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ଧୂମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ପୂଜା ମଣ୍ଡପ ସଜାଯାଇଥିବା ବେଳେ ସକାଳୁ ଭକ୍ତଙ୍କ ଭିଡ଼ ଜମିଥିଲା ।ପୂଜାରେ ଶିଶୁଙ୍କଠାରୁ କିଶୋର-କିଶୋରୀ, ଯୁବକ-ଯୁବତୀ, ଛାତ୍ରଛାତ୍ରୀ ଓ ମହିଳାମାନେ ସାମିଲ ହୋଇଥିଲେ । ପଣ୍ଡିତମାନଙ୍କ ଦ୍ୱାରା ବେଦମନ୍ତ୍ର ଉଚ୍ଚାରଣ ସହ ଷୋଡ଼ଶୋପଚାର ପୂଜା, ହୋମଯଜ୍ଞ, ଆରତୀ ଓ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା । ପରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା ।ଗଣେଶ ପୂଜା ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପୂଜା ମଣ୍ଡପ ନିକଟରେ ଛୋଟ ଛୋଟ ଶିଶୁଙ୍କ ପାଇଁ ବିଦ୍ୟାରମ୍ଭ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହାକୁ ନେଇ ସମଗ୍ର ଅଞ୍ଚଳରେ ଉତ୍ସବମୁଖର ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

ବିଭିନ୍ନ ସ୍ଥାନରେ ପ୍ରଭୁ ଗଜାନନଙ୍କ ପୂଜା ଅନୁଷ୍ଠିତ

କାକଟପୁର୧୪/୯(ଅକ୍ଷର ଓଡ଼ିଶା)ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥି ରେ ପ୍ରଭୁ ଗଜାନନ ଙ୍କ ଜନ୍ମଦିନ, ଏହାକୁ ପୁର ଠୁ ପଲ୍ଲୀ ପର୍ଯ୍ୟନ୍ତ ସମସ୍ତେ ଭିନ୍ନ ଭିନ୍ନ ସାଜସୁଜ୍ଜା ରେ ପୂଜା କରନ୍ତି, ଭାରତ ବର୍ଷ ରେ ପ୍ରଭୂ ଗଣେଶ ଙ୍କ ପୂଜା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବାବେଳେ କାକଟପୁର ଅଷ୍ଟରଙ୍ଗ ଅଞ୍ଚଳ ରେ ଏହି ଉତ୍ସବ ମହା ଆଡମ୍ବର ରେ ପାଳିତ ହୋଇଯାଇଛି, ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାଅନୁଷ୍ଠାନ, ବିଭିନ୍ନ ସାମାଜିକ ଅନୁଷ୍ଠାନ,ଯୁବ ଅନୁଷ୍ଠାନ ଏବଂ ଘରୋଇ ମାନେ ମଧ୍ୟ ଏହି ଗଣେଶ ପୂଜା କୁ ମହାଆନନ୍ଦ ରେ ପାଳନ କରିଛନ୍ତି, ସାଧାରଣତଃ ମହାପ୍ରଭୁ ବିଘ୍ନରାଜ ଶ୍ରୀ ଗଣେଶ ମହାଦେବ ଓ ମାତା ପାର୍ବତୀ ଙ୍କ ପୁତ୍ର କିନ୍ତୁ ପୁରାଣ ଶାସ୍ତ୍ର ଅନୁସାରେ ବିଭିନ୍ନ ଦେବାଦେବୀ ଆଶୀର୍ବାଦ ପାଇ ସେ ଆମ ସନାତନୀ ଧର୍ମ ରେ ଅଗ୍ରପୂଜ୍ୟ ସ୍ଥାନ ପାଇଛନ୍ତି, ବିଦ୍ୟା, ବୁଦ୍ଧି, ଜ୍ଞାନ ଓ ବିଘ୍ନନାଶକ ଭାବେ ତାଙ୍କୁ ଆରାଧନା କରାଯାଏ, ସେଥିପାଇଁ ଆଜି ଅଷ୍ଟରଙ୍ଗ କାକଟପୁର ଅଞ୍ଚଳ ରେ ପୁରଠୁ ପଲ୍ଲୀ ପର୍ଯ୍ୟନ୍ତ ମହାଆନନ୍ଦ ରେ ବିଘ୍ନବିନାଶକ ପ୍ରଭୁ ଗଣପତି ଙ୍କୁ ଆବାହନ କରାଯାଇଛି, ଲଡୁ ପ୍ରିୟ ପ୍ରଭୁ ଗଜାନନ ବିଭିନ୍ନ ପୂଜା ମଣ୍ଡପ ରେ ଆକର୍ଷଣୀୟ ରୂପେ ପୂଜା ପାଉଥିବା ବେଳେ ଭିନ୍ନ ଭିନ୍ନ ମଣ୍ଡପ ତୋରଣ ଓ ଆଲୋକ ସଜା ରେ ଆଜି ଅଷ୍ଟରଙ୍ଗ କାକଟପୁର ଝଲସୁଛି ।

ବିଘ୍ନ ବିନାଶକଙ୍କ ପୂଜା ଅନୁଷ୍ଠିତ



ଖଲ୍ଲିକୋଟ୨୪/୦୯ (ଅକ୍ଷର ଓଡିଶା)ଖଲ୍ଲିକୋଟ ଅଞ୍ଚଳରେ ଉତ୍ସାହ ଉଦ୍ଦୀପନା ସହକାରେ ବିଘ୍ନ ବିନାଶକ ବିଦ୍‌ଯାଦାତା ଗଣେଶଙ୍କ ପବିତ୍ର ପୂଜା ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଖଲ୍ଲିକୋଟ ବଜାରର ଧରାକୋଟ ସାହି, ତେଲି ସାହି, ନୂଆ ସାହି, କରଣ ସାହି, ନିର୍ମଳଝର ଆଦି ସ୍ଥାନରେ ବିନାୟାକଙ୍କ ପୂଜା ହେଉଥିବା ବେଳେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଆଦିରେ ମଧ୍ୟ ଜାକଜମକକରେ ଗଣେଶଙ୍କ ପୂଜା ନୀତିକାନ୍ତି ପ୍ରକାରେ ଅନୁଷ୍ଠିତ ହୋଇଯାଇଛି ।

ଇଚ୍ଛାଶକ୍ତି ଆଗରେ ହାର ମାନିଲା ଅଭାବୀ /ରାଜଶ୍ରୀ ହେବେ ଡାକ୍ତର

ବାଲିଗୁଡା ୧୪/୯ (ଅକ୍ଷର ଓଡିଶା): ରାଜଶ୍ରୀ ର ଇଚ୍ଛାଶକ୍ତି ଆଗରେ ହାର ମାନିଛି ଅଭାବୀ ।ଦିନମଜୁରିଆ ପରିବାରର ଝିଅ ରାଜଶ୍ରୀ ପ୍ରଧାନ ନିଜ ପରିଶ୍ରମ ଓ ଦୃଢ଼ ମନୋବଳ ବଳରେ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରି ଡାକ୍ତରୀ ପଢ଼ିବାର ସୁଯୋଗ ପାଇଛନ୍ତି । ସେ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ, ବୁର୍ଲାରେ ନାମ ଲେଖାଇଛନ୍ତି । ଦୁର୍ଗମ ଅଞ୍ଚଳର ଜଣେ ଆଦିବାସୀ ଝିଅଙ୍କ ଏହି ସଫଳତା ସମଗ୍ର ଅଞ୍ଚଳ ପାଇଁ ଗର୍ବର ବିଷୟ ପାଲଟିଛି ।କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଦାସିଙ୍ଗବାଡ଼ି ପଞ୍ଚାୟତର ଉପାନ୍ତ ଡଙ୍ଗାମାଲା ଗ୍ରାମର ନୁରୁଙ୍ଗା ପ୍ରଧାନ ଓ ପ୍ରେମଶିଳା ପ୍ରଧାନଙ୍କ ଝିଅ ରାଜଶ୍ରୀ । ଅତ୍ୟନ୍ତ ଗରିବ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ପାଠପଢ଼ା ପ୍ରତି ତାଙ୍କର ଥିଲା ପ୍ରବଳ ଆଗ୍ରହ । ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ପ୍ରାୟ ୧୦ ବର୍ଷ ସରକାରୀ ଛାତ୍ରାବାସରେ ରହି ସେ ପାଠ ପଢ଼ିଛନ୍ତି ।ନିଜ ପଞ୍ଚାୟତର ଛଡ଼ାକିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରାବାସରେ ରହି ପଢ଼ିଥିଲେ । ପରେ ସିମନବାଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ପଢ଼ିଥିଲେ । ପରବର୍ତ୍ତୀ ସମୟରେ ବ୍ରହ୍ମପୁରସ୍ଥିତ ଶଶୀଭୂଷଣ ରଥ ମହିଳା କଲେଜରୁ ଯୁକ୍ତ ଦୁଇ ପାସ୍ କରିଥିଲେ ।ପିଲାଦିନରୁ ଡାକ୍ତର ହେବାର ସ୍ୱପ୍ନ ଦେଖୁଥିବା ରାଜଶ୍ରୀଙ୍କ ପାଇଁ ଅର୍ଥାଭାବ ଏକ ବଡ଼ ପ୍ରତିବନ୍ଧକ ଥିଲା । ଯୁକ୍ତ ଦୁଇ ପରେ ଉଚ୍ଚଶିକ୍ଷା ଓ ନିଟ୍ ପ୍ରସ୍ତୁତି ପାଇଁ ଆବଶ୍ୟକ ସାଧନ ଯୋଗାଇବା ତାଙ୍କ ପରିବାର ପକ୍ଷେ କଷ୍ଟକର ହୋଇପଡ଼ିଥିଲା । ତଥାପି ସେ ହାର ମାନିନଥିଲେ ।ସାଙ୍ଗସାଥୀଙ୍କଠାରୁ ବହି ଓ ମୋବାଇଲ ମାଗି ଆଣି ବିଭିନ୍ନ ଶିକ୍ଷାମୂଳକ ଆପ୍ ମାଧ୍ୟମରେ ନିଟ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ । ପରେ ସେସବୁକୁ ନୋଟ୍ କରି ନିଜେ ପଢ଼ି ନିଟ୍ ପରୀକ୍ଷା ଦେଇ ପ୍ରଥମ ଚେଷ୍ଟାରେ ସଫଳ ହୋଇଛନ୍ତି ।ରାଜଶ୍ରୀଙ୍କ ବାପା ନୁରୁଙ୍ଗା ପ୍ରଧାନ ଅନ୍ୟ ଘରେ ଦିନମଜୁରି କରି ପରିବାରର ୭ ଜଣଙ୍କୁ ଚଳାଉଛନ୍ତି । ଝିଅର ପାଠପଢ଼ା ପାଇଁ ଭଲ ମୋବାଇଲଟିଏ ମଧ୍ୟ କିଣିଦେଇ ପାରିନଥିବା ନେଇ ବାପା ନୁରୁଙ୍ଗା ଭାବବିହ୍ୱଳ ହୋଇ କହିଛନ୍ତି । ରାଜଶ୍ରୀଙ୍କ ସହ ତାଙ୍କ ସାନ ଭଉଣୀ ଓ ଭାଇ ମଧ୍ୟ ବ୍ରହ୍ମପୁରରେ ରହି ପାଠ ପଢୁଛନ୍ତି । ଏପରିସ୍ଥଳେ ରାଜ୍ୟ ସରକାର କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ସହାୟତାର ହାତ ବଢ଼ାଇଲେ ପିଲାମାନଙ୍କ ଉଚ୍ଚଶିକ୍ଷାରେ ସହାୟକ ହୋଇପାରିବ ବୋଲି ପରିବାର ପକ୍ଷରୁ ଆଶା ପ୍ରକାଶ କରାଯାଇଛି ।ଦୁର୍ଗମ ଅଞ୍ଚଳର ଝିଅ ରାଜଶ୍ରୀ ଆଗାମୀ ଦିନରେ ଜଣେ ଭଲ ଡାକ୍ତର ହୋଇ ନିଜ ଅଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଚାହୁଁଛନ୍ତି । ତାଙ୍କର ଏହି ସଫଳତା ଅଞ୍ଚଳର ଅନ୍ୟ ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ନିଶ୍ଚିତ ଭାବେ ପ୍ରେରଣାର ଉତ୍ସ ପାଲଟିବ ।

କାର ଧକ୍କାରେ ଦୁଇ ବାଇକର ୩ ଗୁରୁତର

ରାଜକନିକା ୧୪/୯ (ନୁରେଇ ଖାନ) କଟକ ଚାନ୍ଦବାଲି ରାସ୍ତାର ଅଚ୍ୟୁତପୁର ବିଶ୍ୱାଳସାହି ନିକଟରେ ଆଳି ପଟୁ ଆସୁଥିବା ଦୁଇ ଦୁଇଟି ବାଇକକୁ ଏକ କାର ଧକ୍କା ଦେବାରୁ ୩ ଜଣ ଗୁରୁତର ହୋଇଛନ୍ତି । ପଥମ ବାଇକରେ ଗିରିୟା ଗାଁ ର ସୁବାସ ଚନ୍ଦ୍ର ବିଶ୍ୱାଳଙ୍କର ମୁଣ୍ଡ ଫାଟି ଥିବା ବେଳେ ଗଞ୍ଜା ଗାଁ ର ଚନ୍ଦ୍ରମଣୀ ପାତ୍ର ଦେଉଳସାହି ଗାଁ ର ସ୍ୱରୂପ ବେହେରା ମୁଣ୍ଡ ରେ ଆଘ

ମଙ୍ଗଳବାର ୧୫।୦୯।୨୦୨୬
ଆମ ଓଡ଼ିଶା
ଅକ୍ଷର
AKHYARA ODISHA ଓଡ଼ିଶା

ମା' ମହାପାଟ ଦେବୀଙ୍କ ବାର୍ଷିକ ଉତ୍ସବ

ଅନୁଗୋଳ ୧୪/୦୯ (ଅକ୍ଷର ଓଡିଶା)ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅନ୍ତର୍ଗତ ତୁଳସୀପାଳ ଗ୍ରାମ ଫଟାକାଞ୍ଜିଆ ଠାରେ ଗଡ଼ସନ୍ତୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମହାପାଟ ଦେବୀଙ୍କ ବାର୍ଷିକ ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେଉଥିବା ମା 'ଙ୍କ ଏହି ଯାତ୍ରାରେ ଚଳିତ ବର୍ଷ ଶ୍ରଦ୍ଧାଳୁ ଭକ୍ତଙ୍କ ପ୍ରବଳ ଜନ ସମାଗମ ହୋଇଥିଲା । ପ୍ରତ୍ୟୁଷରୁ ମା' ଙ୍କ ଦେହୁରୀ ରଞ୍ଜନ ଗଡ଼ନାୟକ ଓ ବେଲପତରିଆ ପବିତ୍ର ବିଶ୍ୱାଳ ତୁଳସୀପାଳ ଗ୍ରାମରେ ଥିବା ଆଲମ ଘରେ ମା'ଙ୍କ ନୀତିକାନ୍ତି, ନୂତନ ବସ୍ତ୍ର ପରିଧାନ ଓ ପୂଜାର୍ଚ୍ଚନା କରିଥିଲେ । ପୂର୍ବାହ୍ନ ୧୧.୩ଟକୁ ରେ ଉଭୟ ତୁଳସୀପାଳ ଓ ଗଡ଼ସନ୍ତୀର ଗ୍ରାମବାସୀମାନେ ମା'ଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ସମଗ୍ର ଗ୍ରାମ ପରିକ୍ରମା କରାଇ ଫଟାକାଞ୍ଜିଆ ସ୍ଥିତ ପୀଠସ୍ଥଳୀକୁ ନେଇଥିଲେ । ଶୋଭାଯାତ୍ରାରେ ଛତି, ତରାଶ ଶୋଭା ପାଉଥିବା ସହ ସାଉଣ୍ଡ, ଢୋଲ, ନିଶାଣ, ଆତସବାଜୀ ଓ ଭକ୍ତଙ୍କ ହରିବୋଲ ହୁଳହୁଳିରେ ଗ୍ରାମ ପ୍ରକମ୍ପିତ ହୋଇ ଉଠିଥିଲା କ୍ଷ ବାଟରେ ମା, ମାଉସୀମାନେ ନିଜନିଜ ଘର ସମ୍ମୁଖରେ ରାସ୍ତାରେ ନୂତନ ବସ୍ତ୍ର

ପକାଇ ଘଟ ସ୍ଥାପନ କରି ବନ୍ଦାପନା କରିଥିଲେ । ଶୋଭାଯାତ୍ରା ପୀଠସ୍ଥଳୀରେ ପହଞ୍ଚିବା ପରେ ମାର୍ଜନା କରାଯାଇ ମା'ଙ୍କୁ ଷୋଡଶଉପଚାରରେ ପୂଜାର୍ଚ୍ଚନା କରା ଯାଇଥିଲା । ଏହି ଅବସରରେ ଅଧିଆ ପଡ଼ିଥିବା ମହିଳା ମାନେ ପାଦୁକା ପାଇ ମାନସିକ ଭଙ୍ଗ କରିଥିଲେ ଓ ବହୁ ସଂଖ୍ୟକ ଶିଶୁ ମୁଣ୍ଡନ ହୋଇଥିଲେ । ଅପରାହ୍ନ ରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ ଓ ଜିଲ୍ଲା ବିଜେଡି ଯୁବ ସଭାପତି ଅରୁଣାଭ ସିଂହ, ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ନାଏକ, ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ସମାଜ ସେବୀ ଅଭିମନ୍ୟୁ ସାହୁ, ଓଡିଶା ପିସିସି କାର୍ଯ୍ୟକାରି ସଦସ୍ୟ ଅମ୍ବିକା ଭଟ୍ଟ, ଏସଟି ମୋର୍ଚ୍ଚା ଜିଲ୍ଲା ସଭାପତି ଅଜିତ୍ କୁମାର ଭୋଇ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ମା'ଙ୍କୁ ଦର୍ଶନ କରିଫେରି ଯାଇଥିଲେ ।

ସେବା ସଂକଳ୍ପ ଅଭିଯାନ - ୨୦୨୬ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୪.୦୯.: (ଗଗନ କୁମାର ପ୍ରଧାନ)ରାଜ୍ୟ ସରକାର ତଥା ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତା ୧୭ ସେପ୍ଟେମ୍ବର ଠାରୁ ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ 'ସେବା ସଂକଳ୍ପ ଅଭିଯାନ' ୨୦୨୬ ପାଳନ ଉପଲକ୍ଷେ ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ସେବା ସଂକଳ୍ପ ଅଭିଯାନ ପାଳନ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ତଥା ସୁପରିଚାଳନା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ବ ଆଶୀର୍ବାଦର ଦୀପ, ସ୍ୱପ୍ନର ଭାରତ, ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ, ଆଙ୍ଗନ ବା ଉତ୍ସବ, ପରିବର୍ତ୍ତନର କାହାଣୀ, ବିକଶିତ ଭାରତ ସଂକଳ୍ପ ଯାତ୍ରା, ସେବାଜ୍ୟୋତି କଳସ ଯାତ୍ରା, ରଙ୍ଗୋଲି ରାଷ୍ଟ୍ର, ସେବାରେ ମୋର ଯୋଗଦାନ, ରାଷ୍ଟ୍ରୀୟ ନବ ସୃଜନର ଆହ୍ୱାନ, ସେବା ସେତୁ ଅଭିଯାନ ପ୍ରସ୍ତୁତି କାର୍ଯ୍ୟକ୍ରମ ଗୁଡିକରେ ସ୍ଥାନୀୟ ସାଂସଦ, ବିଧାୟକ, ଅନ୍ୟାନ୍ୟ ଜନ ପ୍ରତିନିଧି ଓ ଜନ ସାଧାରଣମାନଙ୍କୁ ସାମିଲ କରାଯାଇ ଆୟୋଜନ କରିବା ସହ କାର୍ଯ୍ୟକ୍ରମର ଅଧିକ ଲୋକପ୍ରିୟତା ଓ ପ୍ରଚାର ପ୍ରସାର ପାଇଁ ସୋସିଆଲ ଇନଫ୍ଲୁଏନ୍ସର, ମାନଙ୍କୁ ସାମିଲ କରାଇ ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହାର ପ୍ରଚାର ପ୍ରସାର କରିବା ବିଷୟରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ବିଷଦ ଭାବେ ଆଲୋଚନା କରିଥିଲେ ।ଉକ୍ତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ନୋଡାଲ ଅଫିସର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ସମସ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଳ୍ପ ଅଧିକାରୀ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

ଶିଶୁ ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ

ବୁଗୁଡା : ୧୪/୦୯(ଅକ୍ଷର ଓଡିଶା) ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ପ୍ରାର୍ଥନା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରଜତ ଜୟନ୍ତୀ ଉତ୍ସବ କମିଟି ସଭାପତି ଗୋପାଳ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ପରିଚାଳନା ସମିତିର କର୍ମକର୍ତ୍ତା ଏବଂ ପ୍ରାକ୍ତନ କମିଟିମାନର କର୍ମକର୍ତ୍ତାଗଣଙ୍କ ସମେତ ଶିଶୁ ମନ୍ଦିରର ସେବାବ୍ରତୀମାନେ ଉପସ୍ଥିତ ରହିଥିଲେ । ଏ ଅବସରରେ ରଜତ ଜୟନ୍ତୀ ଉତ୍ସବର ୨୨ ଜଣିଆ କମିଟିବୃନ୍ଦଙ୍କ ଦାୟିତ୍ୱ ସହ ଅନ୍ୟ ସବ୍-କମିଟି ଗୁଡିକର ଦାୟିତ୍ୱ କଣ ରହିବ ସେନେଇ ଆଲୋଚନା କରାଯାଇଥିଲା । ଏଥି ସହ ଆଗାମୀ ଜାନୁଆରୀ ମାସରେ ହେବାକୁ ଥିବା ତ୍ରିଦିବସୀୟ ରଜତ ଜୟନ୍ତୀ ଉତ୍ସବର ବଜେଟ୍ ପ୍ରସ୍ତୁତ କରାଯାଇଥିଲା । ଶିକ୍ଷା ବିକାଶ ସମିତିର ମାର୍ଗ ଦର୍ଶିକା ଅନୁସାରେ ରଜତ ଜୟନ୍ତୀ ଉତ୍ସବ ପାଳନର ସଫଳ ରୂପାୟନ ନିମନ୍ତେ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିବା ବେଳେ ଯଥାଶୀଘ୍ର ପୂର୍ବଛାତ୍ର ଏବଂ ଅଭିଭାବକ ବୈଠକ ଆହ୍ୱାନ କରାଯାଇ ଆଗାମୀ ରଜତ ଜୟନ୍ତୀ ସମାରୋହ ସମ୍ପର୍କେ ଆଲୋଚନା କରାଯିବାକୁ ସ୍ଥିର କରାଯାଇଥିଲା । ବୈଠକର ପରିଶେଷରେ ପ୍ରଧାନାଚାର୍ଯ୍ୟ ଚଣ୍ଡି ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ବିଭିନ୍ନ ସ୍ଥାନରେ ଧୁମ୍‌ଧାମରେ ଗଣେଶ ପୂଜା

ଲକ୍ଷ୍ମୀପୁର, ୧୪/୦୯:(ଅକ୍ଷର ଓଡିଶା)ଗଣେଶ ପୂଜା ଉପଲକ୍ଷେ ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇ ଉଠିଛି ସମଗ୍ର ଅଞ୍ଚଳ ।ବିଘ୍ନବିନାଶକ, ସିଦ୍ଧି-ବୁଦ୍ଧିର ଅଧିପତି, ଅଗ୍ରପୂଜ୍ୟ ତଥା ବିଦ୍ୟା ଓ ଜ୍ଞାନର ଦେବତା ପ୍ରଭୁ ଶ୍ରୀଗଣେଶଙ୍କ ଆବାହନରେ ଲକ୍ଷ୍ମୀପୁର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ଗଣେଶ ଚତୁର୍ଥୀ ଅବସରରେ ଲକ୍ଷ୍ମୀପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ମହାଆଡ଼ମ୍ବର ଓ ଭକ୍ତିଭାବର ସହ ଗଣେଶ ପୂଜା ପାଳିତ ହୋଇଛି ।ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ସାହି, ଗଳି ଓ ବଜାର ଅଞ୍ଚଳରେ ସ୍ୱତନ୍ତ୍ର ପୂଜାମଣ୍ଡପ ନିର୍ମାଣ କରାଯାଇଛି । ଆକର୍ଷଣୀୟ ତୋରଣ, ରଙ୍ଗବେରଙ୍ଗର ଆଲୋକମାଳା ଓ ସୁନ୍ଦର ସାଜସଜ୍ଜାରେ ମଣ୍ଡପଗୁଡ଼ିକ ଝଲସି ଉଠିଛି । ସକାଳୁ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ଆଳତି ଅନୁଷ୍ଠିତ ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ମଣ୍ଡପରେ ପହଞ୍ଚି ପ୍ରଭୁ ଗଣେଶଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଛନ୍ତି ।ଲକ୍ଷ୍ମୀପୁର ବ୍ଲକ୍ ସଦର ମହାବିଦ୍ୟାଳୟ, ୟୁଏନ୍ ରାଜୁ ବାଳିକା ବିଦ୍ୟାଳୟ, ସାଙ୍ଗନ୍ନା ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସିଦ୍ଧେଶ୍ୱରୀ ପବ୍ଲିକ୍ ସ୍କୁଲ, ପରଜାସାହି, ପୁରୁଣା ବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କାଣିମୂଷା ପ୍ରାଥମିକ ବିଦ୍ୟାଳୟ, ପୁରୁଣା ବଜାର, ମେଡିକାଲ କଲୋନୀ, ବ୍ଲକ୍ କଲୋନୀ, ଉପରଦୋରା ସାହି, ନୂତନ ବଜାର ଓ ଘୋଡ଼ାବନ୍ଧ କଲୋନୀ ସମେତ ବ୍ଲକ୍‌ର ପ୍ରାୟ ୧୫ଟି ସ୍ଥାନରେ ଗଣେଶ ପୂଜା ଆୟୋଜିତ ହୋଇଛି ।ପ୍ରତ୍ୟେକ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିବା ବେଳେ ପ୍ରଭୁ ଗଣେଶଙ୍କ ଦର୍ଶନ ପାଇଁ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି । ବିଭିନ୍ନ ସ୍ଥାନରେ ଭଜନ, କୀର୍ତ୍ତନ ଓ ସାଂସ୍କୃତିକ

କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି ।ଗଣେଶ ପୂଜାକୁ ନେଇ ସାରା ଲକ୍ଷ୍ମୀପୁର ଅଞ୍ଚଳ ଭକ୍ତି ଓ ଉତ୍ସାହରେ ଉତ୍ସବମୁଖର ହୋଇପଡ଼ିଛି । ପୂଜାମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ସମାଗମ, ଘଣ୍ଟଘଣ୍ଟା ଓ ମନ୍ତ୍ରଧ୍ୱନିରେ ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।

ଲଘୁଚାପ ଜନିତ ବର୍ଷାରେ ଭୁଶୁଡିଲା କାନ୍ଥ ଅଳ୍ପକେ ବର୍ତ୍ତିଲେ ଘରର ବୋହୂ

ଦଶମନ୍ତପୁର. ୧୪/୦୯(କଇନ ଗରଡ଼)ଚଳିତ ଲଘୁଚାପ ଜନିତ ବର୍ଷାରେ ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ବାଣୁଆଗୁଡ଼ା ଗାଁର ସମ୍ୟାରୁ ଦଳାଇ ଙ୍କ ଘର ଆଜି ଅପରାହ୍ନରେ ଘରେ କିଏ ଉପସ୍ଥିତ ନଥିବା ବେଳେ ଗୋଟିଏ

ପାର୍ଶ୍ୱର କାନ୍ଥ ସମ୍ପୂର୍ଣ ଭାଙ୍ଗି ଯାଇଛି କ୍ଷ ଲଗାତାର ବର୍ଷାରେ ମାଟି କାନ୍ଥ ଓଦା ହୋଇ ଫାଟ ସୃଷ୍ଟି ହୋଇଥିବା ବେଳେ ଆଜି ତାଙ୍କ ବୋହୂ ସେହି ଘରକୁ ଝାଡୁ କରିବାକୁ ଯାଇଥିଲେ କିନ୍ତୁ ଏକ ଶବ୍ଦ ହେବାରୁ ସେ ବାହାରକୁ ଚାଲିଆସିଲେ ସେହି ସମୟରେ ହିଁ କାନ୍ଥ ଟି ଭୁଶୁଡି ପଡିଥିବାରୁ ବଡ଼ ଦୁର୍ଘଟଣାରୁ ସେ ଅଳ୍ପକେ ବର୍ତ୍ତିଯାଇଥିବା ସୂଚନାରୁ ଜଣାପଡିଛି କ୍ଷ ଗୋଟିଏ ଆଜବେଷ୍ଟ ମଧ୍ୟ ନଷ୍ଟ ହୋଇଥିବା ସମ୍ୟାରୁ କହିଛନ୍ତି କ୍ଷ ସମ୍ୟାରୁ ଦଳେଇଙ୍କ ପରିବାରରେ ସ୍ୱାମୀ ସ୍ତ୍ରୀ ଦୁଇ ପୁଅ ଏବଂ ଗୋଟିଏ ବୋହୂ ରହୁଥିବାବେଳେ ସେମାନେ ଗରିବଶ୍ରେଣୀର ଅଟନ୍ତି ତେବେ ଏହି ଗରିବ ପରିବାରଙ୍କୁ କୌଣସି ଆବାସ ଯୋଜନାରେ ସାମିଲ କରାଯାଇନଥିବାରୁ ଏମାନେ ମାଟି କାନ୍ଥରେ ନିର୍ମିତ ଘରେ ମୁଣ୍ଡ ଗୁଞ୍ଜିଇଛନ୍ତି କ୍ଷ ରାଜସ୍ୱ ବିଭାଗ ଦୃଷ୍ଟି ଦେଇ ଏହି ପରିବାରକୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ସ୍ଥାନୀୟ ଠିକାଦାରଙ୍କ ଗୁଣ୍ଡା ରାଜ

କୁଣ୍ଡାଇ କେନାଲ ବନ୍ଧ ରାସ୍ତା ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସି

ନିମାପଡା ୧୪/୯/(ବିଜୟ ବେହେରା) ଜାତୀୟ ରାଜପଥ ୬୦ନମ୍ବର ମାଧବ ବାଲିଘାଇ ରାସ୍ତା ବ୍ରହ୍ମକୁଣ୍ଡି ଠାରୁ ଦାଣ୍ଡିକିରା ପ୍ରଯ୍ୟନ୍ତ ଦୁଇ କିଲୋମିଟର ପାଇ ଗତ ୨୦୨୫ମସିହାରେ ପଚାଶ ଲକ୍ଷ ଟଙ୍କାର ଟେଣ୍ଡର ହୋଇ ଅନୁଗୁଳ ର ଏକ ଏଜେନସି ଟେଣ୍ଡର ପାଇ ଥିବା ସ୍ୱତେ ସ୍ଥାନୀୟ ଠିକା ଦାର ଙ୍କ ବିରୋଧ ଯୋଗୁ ଉକ୍ତ ରାସ୍ତା କାମ ହୋଇ ପାରୁନାହଁ ଉକ୍ତ ରାସ୍ତା ଉପରେ ଦଶଗୋଟି ଗ୍ରାମବାସୀ ଯାତାୟାତ ପାଇ ନିର୍ଭର କରନ୍ତି ଉକ୍ତ ରାସ୍ତା ଟି ବର୍ତମାନ ଦୁଇ ପଟ ଜଙ୍ଗଲ ଓ ବଡ଼ ବଡ଼ ଖାଲ ଖମା ଯୋଗୁ ସ୍କୁଲ ପିଲା ଓ ମେଡିକାଲ କୁ ରୋଗୀ ଆସିବା କଷ୍ଟ କର ହେଇପଡିଛି ଉକ୍ତ ବନ୍ଧ ଟି ପ୍ରାଚୀ ଡିଭିଜନ ଭୁବନେଶ୍ୱର ଅଧିକ୍ଷକ ଯନ୍ତ୍ରୀ ଙ୍କ ଅଧୀନରେ ଯାଉ ଥିବାରୁ ସ୍ଥାନୀୟ ଗ୍ରାମ ବାସି ଅର୍ଜୁନ ସ୍ୱାଇଁ ସତୀ ମଲ୍ଲିକ ଲିଙ୍ଗରାଜ ପରିଡା ବ୍ରାହ୍ମନନ୍ଦ ଭୋଇ ଅନାମ ଭୋଇ ଅଧୀରାଜ ସାହୁ ଲକ୍ଷ୍ମୀଧର ସାହୁ ପ୍ରମୁଖ ଗ୍ରାମ ବାସି ମାନେ ସ୍ଥାନୀୟ ପ୍ରଶାସନ ଓ ଏ ଅଞ୍ଚଳ କୁ ବିକାଶ ଧାରା ରେ ଆଗେଇ ନେଉ ଥିବା ଓଡିଶା ର ମାନନୀୟ ଉପ ମୁଖ୍ୟମନ୍ତ୍ରୀ ଙ୍କୁ ଅନୁରୋଧ କରୁଛନ୍ତି ତୁରନ୍ତ ଏହି ରାସ୍ତା ଟିକୁ ନିର୍ମାଣ କରିବା ପାଇ ଦୃଷ୍ଟି ଦେବା କୁ ଅନୁରୋଧ କରିଛନ୍ତି ।

ଗଜପତିରେ ବାରହା ଉପଦ୍ରବ ଲକ୍ଷ ଲକ୍ଷ ଟଙ୍କାର ମକା ଫସଲ ଉଜୁଡିଲା

ପାରଳାଖେମୁଣ୍ଡି, ୧୪/୯(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାର ମୋହନା ବ୍ଲକରେ ବାରହାପଲଙ୍କ ଉପଦ୍ରବ ଯୋଗୁଁ ଲକ୍ଷାଧିକ ଟଙ୍କାର ମକା ଫସଲ ସମ୍ପୂର୍ଣ ଭାବେ ଉଜୁଡି ଯାଇଥିବା ସୂଚନା ମିଳିଛି. ବର୍ତ୍ତମାନ ମକା ଚାଷରେ ଫଳ ଧରିବା ସମୟରେ ଏହି ବାରହାପଲଙ୍କ ଯୋଗୁଁ ଏକର ଏକର ମକା ଫସଲ ସମ୍ପୂର୍ଣ ଭାବେ ନଷ୍ଟ ହୋଇଯାଇଛି. ଗଜପତି ଜିଲ୍ଲା ମୋହନା ବ୍ଲକ୍ କମଳାପୁର ଗ୍ରାମରେ ବାରହାପଲ ଆସି ଏହି ମକା ଫସଲ ନଷ୍ଟ କରିଦେଇଛନ୍ତି । କମଳାପୁର ଗ୍ରାମର ପ୍ରକାଶ ସେଠୀ, ସେରେନ୍ଦ୍ର ସେଠୀ, କେଦାର ପ୍ରଧାନ ସମେତ ପ୍ରାୟ ୬ ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଏକର ଏକର ମକା ଫସଲ ବାରାହା ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି ।ଏହି ଚାଷୀମାନେ ଏହି ଅଞ୍ଚଳର ସାହୁକାରଙ୍କ ଠାରୁ ଋଣ ନେଇ ମକା ଚାଷ କରିଥିଲେ. ବର୍ତ୍ତମାନ ବାରହାପଲଙ୍କ ଯୋଗୁଁ ମକା ଫସଲ ସମ୍ପୂର୍ଣ ଭାବେ ଉଜୁଡି ଯାଇଛି. ବର୍ତ୍ତମାନ ଚାଷୀ ଏହି ଋଣ କିଭଳି ସୁଝିବେ, ସେ ନେଇ ଚିନ୍ତାରେ ରହିଛନ୍ତି ଚାଷୀକୂଳ । ପ୍ରଶାସନ ତୁରନ୍ତ ଏହି ମକା ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ଜମି ଚୋରୀ ମାମଲାରେ ତିନି ମୁଖ୍ୟ ଅଭିଯୁକ୍ତ ଗିରଫ

ନୂଆପଡା -୧୪/୦୯(ଅକ୍ଷର ଓଡିଶା)ନୂଆପଡା ଜିଲ୍ଲା କୋମନା ତହସିଲ ଅନ୍ତର୍ଗତ ଚାନ୍ଦୋପଲା ଗାଁର ୪ ଏକର ୪୦ ଡିସିମିଲ ଜମି

ଚୋରୀ ମାମଲା ସାମ୍ନାକୁ ଆସିଥିଲା । ଏହି ଘଟଣା ନେଇ କୋମନା ଉପ ନିବନ୍ଧକ ସର୍ବେଶ୍ୱର ଜାଲ ପ୍ରଥମ ସୂଚନା ଦେଇଥିଲେ । କୋମନା ପୋଲିସ ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟ ୨ ଜଣଙ୍କୁ ଗିରଫ କରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଜମି ଚୋରି ମାମଲା ରେ ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି । ଗତ କାଲି ରାତିରେ ମାଷ୍ଟର୍ ମାଇଣ୍ଡ ସନ୍ତୋଷ କୁମାର ଦୁରିଆଙ୍କୁ ନିଜ ଗାଁ ପେଣ୍ଡରାବନ ରୁ ଗିରଫ କରାଯାଇ ଥିବା ବେଳେ ଅନ୍ୟ ଦୁଇ ଜଣ ଜମି ଦଲାଲ ବୋଡ଼େନ ଥାନା କରଙ୍ଗାମାଳ ଗାଁର ରାମ ଲାଲ ପଣ୍ଡା, ଯିଏ କି ଏକ ଘରୋଇ କଲେଜର ପରିଚାଳନା କମିଟିର ସଭାପତି ତଥା କରଙ୍ଗାମାଳ ପଞ୍ଚାୟତର ସରପଞ୍ଚ ଅଛନ୍ତି, ତାଙ୍କୁ ଆଉ ତାଙ୍କ ସହଯୋଗୀ ଜୟସନ୍ ବାଗଙ୍କୁ ଏକ କାର ନମ୍ବର ଓଡ଼ି ୨୬ ଏଚ ୪୮୫୯ ସହ ତିଖାଲି ଛକରୁ ଗିରଫ କରା ଯାଇଥିଲା । ଆଜି ୩ ଜଣଙ୍କୁ କୋର୍ଟ ଚାଲାଣ କରା ଯିବ ବୋଲି ଶ୍ରୀବଲ୍ଲଭ ସାହୁ (ଆଇଆଇସି, କୋମନା ଥାନା) ସୂଚନା ଦେଇଛନ୍ତି । ଏହା ପୂର୍ବରୁ ନକଲି ସତ୍ୟ ପ୍ରଧାନୀ ଡୁମାଲ ରଣା ଘର ଖଡ଼ିଆଳ ମଣ୍ଡୋଷିଲ ଗ୍ରାମର ଘର କ୍ୱାଇଁ ଭାବରେ ପଡ଼ୋଶୀ ଛତିଶଗଡ଼ ଉର୍ମାଲ୍ ଗୁଡ଼ଭେଲି ରେ ରହନ୍ତି । ତାଙ୍କ ଭଉଣୀ ସାଜିଥିବା ଦେଓଦରା ଗ୍ରାମର ଦେଓମତି ମାଝୀ, ଦୁଇ ଦଲାଲ ସୋଳବନ୍ଧ ଗ୍ରାମର ଦୁଲ୍ଲଭ ନିଆଲ, ସମରସିଂ ଗ୍ରାମର ତୁଳସୀ ରଣା ପୂର୍ବରୁ ଗିରଫ ହୋଇଛନ୍ତି। ସମୁଦାୟ ୭ ଜନ ଗିରଫ ହୋଇଛନ୍ତି ।

ନଳକୂପ ଭାଙ୍ଗିଦେଲେ,ମହିଳାଙ୍କୁ ଜାତିଆଣ ଆକ୍ଷେପ

ଜୀବନରୁ ମାରିଦେବାକୁ ଧମକ ଅଭିଯୋଗ

ନିଶ୍ଚିନ୍ତକୋଇଲି ୧୪/୦୯(ଅକ୍ଷର ଓଡ଼ିଶା)-ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମରେ ସରକାରୀ ନଳକୂପକୁ ଭାଙ୍ଗିଦେବା ସହ ଜଣେ ଦଳିତ ମହିଳାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରାଯାଇଥିବାର ଅଭିଯୋଗ ହୋଇଛି । ଏପରିକି ଜାତିଆଣ ଆପେକ୍ଷ କରାଯିବା ସହ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବାର ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣାକୁ କେନ୍ଦ୍ରକରି ଗ୍ରାମରେ ଉତେଜନା ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିଛନ୍ତି । ନତକାଇ ଦଳିତ ସାହିର ନଳକୂପଟି ଗତ କିଛି ଦିନ ହେଲା ଖରାପ ହୋଇ ଯାଇଥିଲା । ଫଳରେ ସ୍ଥାନୀୟ ଦଳିତ ଲୋକେ ପାନୀୟ ଜଳ ପାଇବା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିଲେ । ଏସମ୍ପର୍କରେ ଲୋକେ

ପୋଖରୀରୁ ବୃଦ୍ଧାଙ୍କ ମୃତ ଦେହ ଉଦ୍ଧାର

କେନ୍ଦୁଝର ଚମ୍ପୁଆ, ୧୪ /୦୯ (ରାଜକିଶୋର ଶତପଥି): କେନ୍ଦୁଝର ଜିଲ୍ଲା କରଞ୍ଜିଆ ଗ୍ରାମର ବୃଦ୍ଧା ଟିକିଲା ନାଏକଙ୍କ ମୃତ ଦେହ ପୋଖରୀରୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି । ଘଟଣା ସ୍ଥଳୀରେ ପହଞ୍ଚି ପୋଲିସ ଓ ଅଗ୍ନିଶମ ବିଭାଗ ମିଳିତ ଭାବେ ଅଭିଯାନ ଚଳାଇ ମୃତ ଦେହକୁ ବାହାର କରିଛନ୍ତି ।ସୂତ୍ରରୁ ଜଣାପଡ଼ିଛି ଯେ ଗତକାଲି ସନ୍ଧ୍ୟା ବେଳେ ଟିକିଲା ନାଏକ ଶୌଚ କରିବା ପାଇଁ ଘର ପାଖରେ ଥିବା ପୋଖରୀ ଆଡ଼କୁ ଯାଇଥିଲେ । ରାତି ସୁଦ୍ଧା ସେ ଘରକୁ ଫେରି ନ ଥିବାରୁ ପରିବାର ସଦସ୍ୟମାନେ ଚିନ୍ତିତ ହୋଇପଡ଼ିଥିଲେ । ଆଜି ସକାଳୁ ଗ୍ରାମବାସୀମାନେ ପୋଖରୀରେ କିଛି ଭାସୁଥିବା ଦେଖି ନିକଟକୁ ଯାଇ ଦେଖିଲେ ଯେ ତାହା ବୃଦ୍ଧାଙ୍କ ମୃତ ଦେହ । ତତ୍‌କ୍ଷଣାତ୍ ସେମାନେ ଚମ୍ପୁଆ ଥାନାକୁ ସୂଚନା ଦେଇଥିଲେ ।ଖବର ପାଇ ଚମ୍ପୁଆ ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ଭିତରୁ ମୃତ ଦେହ ଉଦ୍ଧାର କରିଛନ୍ତି । ପ୍ରାଥମିକ ଅନୁମାନ ଅନୁସାରେ ଶୌଚ ସମୟରେ ଅସାବଧାନତା ଯୋଗୁଁ ବୃଦ୍ଧା ପୋଖରୀରେ ବୁଡ଼ି ଯାଇଥିବା ସମ୍ଭବ । ଗ୍ରାମରେ ପୋଖରୀ କୂଳ ଅଞ୍ଚଳ ସ୍ପିପରି ହୋଇଥିବା ଏବଂ ରାତି ଅନ୍ଧକାରରେ ଦୃଶ୍ୟତା କମ୍ ଥିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ବିଶ୍ୱାସ କରାଯାଉଛି ।ଉଦ୍ଧାର କରାଯାଇଥିବା ମୃତ ଦେହକୁ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଛି । ପୋଲିସ ଏହି ଘଟଣାକୁ ଅପମୃତ୍ୟୁ ମାମଲା ରୂପେ ରୁଜୁ କରି ବିସ୍ତୃତ ତଦନ୍ତ ଆରମ୍ଭ କରିଛି । ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ବିବୃତି ନେଇ ଘଟଣାର ପ୍ରକୃତ କାରଣ ଜାଣିବାକୁ ଚେଷ୍ଟା ଚାଲିଛି । ଏହି ଘଟଣା ଗ୍ରାମ ଅଞ୍ଚଳରେ ପୋଖରୀ ଓ ଜଳାଶୟ କୂଳରେ ସାବଧାନତା ରଖିବାର ଆବଶ୍ୟକତାକୁ ପୁଣି ଥରେ ସ୍ମରଣ କରାଇ ଦେଇଛି ।

୫ ସନ୍ତାନଙ୍କୁ ନେଇ ବାସହରା ଅନାମଙ୍କ ପରିବାର

କେନ୍ଦୁଝର ସଦର୧୪/୦୯ (ମନୋଜ କୁମାର ପଟେଲ)ଗରିବୀ ସହ ଲଢ଼ି ଜୀବନ ଜିଇଁବାକୁ ସଂଘର୍ଷ କରୁଥିବା ଏକ ପରିବାର ଉପରେ ଦାଉ ସାଧିଛି ବର୍ଷା । ଯେଉଁ ଭଙ୍ଗା କୁଡ଼ିଆଟି ଥିଲା ମୁଣ୍ଡ ଗୁଞ୍ଜିବାର ଶେଷ ଭରସା, ଲଗାଣ ବର୍ଷାରେ ତାହା ମଧ୍ୟ ଭୁଶୁଡ଼ି ପଡ଼ିଛି । ଏବେ ସ୍ତ୍ରୀ ଓ ୫ ସନ୍ତାନଙ୍କୁ ନେଇ କେଉଁଠି

❖ଲଗାଣ ବର୍ଷାରେ ଭୁଶୁଡ଼ିଲା ଶେଷ ଆଶ୍ରୟ

❖ପ୍ରଶାସନର ସହାୟତା ଅପେକ୍ଷାରେ ଅସହାୟ ପରିବାର

ଆଶ୍ରୟ ନେବେ, ସେହି ଚିନ୍ତାରେ ଅନାମ ଜୁଆଙ୍ଗ ।ବାଂଶପାଳ ବ୍ଲକ କରଙ୍ଗାଡ଼ିହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତେମେରା ଗ୍ରାମର ଅନାମ ଜୁଆଙ୍ଗ (୨୭), ପିତା ମଗଶିର ଜୁଆଙ୍ଗ ଅତ୍ୟନ୍ତ ଗରିବ । ଅନ୍ୟମାନଙ୍କ ଗାଈ ଓ ଛେଳି ଚରାଇ ଯାହା ରୋଜଗାର କରନ୍ତି, ସେଥିରେ ପରିବାର ଚଳାନ୍ତି । ନିଜସ୍ୱ ପକ୍କା ଘର ନଥିବାରୁ ଦୀର୍ଘଦିନ ଧରି ଏକ ଭଙ୍ଗା କୁଡ଼ିଆରେ ପରିବାର ସହ ରହୁଥିଲେ । ସରକାରୀ ଆବାସ ଯୋଜନାରେ ଆଜି ପର୍ଯ୍ୟନ୍ତ ଘର ମିଳିନଥିବା ଅଭିଯୋଗ ରହିଛି ।ଗତକାଲି ଲଗାଣ ବର୍ଷାରେ ସେହି ଘରଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯିବା ପରେ ପରିବାରର ଦୁଃଖ ଆହୁରି ବଢ଼ିଛି । ବର୍ଷା ଥମିଲେ ବି ତାଙ୍କ ମୁଣ୍ଡ ଉପରୁ ଛାତ ହଟିଯାଇଛି । ପାଞ୍ଚ ସନ୍ତାନଙ୍କୁ ନେଇ ଏବେ କେଉଁଠି ରହିବେ, କିପରି ଦିନ କାଟିବେ— ଏହି ଚିନ୍ତାରେ ପରିବାରଟି ଅସହାୟ ହୋଇପଡ଼ିଛି ।ଏପରି ଦୁର୍ଦ୍ଦିନରେ ପ୍ରଶାସନ

ଅନାମଙ୍କ ପରିବାର ନିକଟରେ ପହଞ୍ଚିବା ଜରୁରୀ ହୋଇପଡ଼ିଛି । ଘଟଣାର ତୁରନ୍ତ ଯାଞ୍ଚ କରି ପରିବାରକୁ ଆବଶ୍ୟକ ରିଲିଫ୍ ଓ ଖାଦ୍ୟ ସହାୟତା ଯୋଗାଇବା ସହ ଯୋଗ୍ୟତା ଅନୁଯାୟୀ ଆବାସ ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ଓ ଅନାମ ପ୍ରଶାସନ ନିକଟରେ ଦାବି କରିଛନ୍ତି । ଅସହାୟ ପରିବାରର ଏହି ଦୁଃଖଦ ସ୍ଥିତି ପ୍ରତି ପ୍ରଶାସନର ଦୃଷ୍ଟି ପଡ଼ିବ କେବେ, ତାହାକୁ ନେଇ ଅପେକ୍ଷା ରହିଛି ।

ଗଣେଶ ଚତୁର୍ଥୀର ଶୁଭ ଅବସରରେ କେନ୍ଦୁଝର ବନଖଣ୍ଡରେ ଜନ୍ମନେଲା ହାତୀ ଶାବକ

କେନ୍ଦୁଝର: ୧୪/୦୯(ଦିଲ୍ଲୀପ କୁମାର ସାହୁ) - ପ୍ରିତ୍ର ଗଣେଷ ଚତୁର୍ଥୀ ଅବସରରେ ପଶୁପ୍ରେମୀ ମାନଙ୍କୁ କେନ୍ଦୁଝର ବନଖଣ୍ଡ ପକ୍ଷରୁ ଡିଏଫଓ ଧନରାଜ ଏଚଡି ଏକ ଶୁଭ ଓ ଖୁସି ଖବର ଦେଇଛନ୍ତି । ଜିଲ୍ଲାରେ ହାତୀ ଏଂ ମଣିଷଙ୍କ ମଧ୍ୟରେ ସଂଘର୍ଷ ଘଟି ଏବଂ ଅନ୍ୟାନ୍ୟ କାରଣରୁ ହାତୀବଂଶ ସଂଖ୍ୟା ହ୍ରାସ ପାଉଥିବା ବେଳେ, ଆଜି ଅଗ୍ରପୂଜ୍ୟ ପ୍ରଭୁ ବିଘ୍ନବିନାଶକ ଗଜାନନଙ୍କ ପବିତ୍ର ଚତୁର୍ଥୀରେ ବନଖଣ୍ଡରେ ଏକ ହାତୀ ଶାବକ ଜନ୍ମନେଇ ପଶୁପ୍ରେମୀ ମାନଙ୍କୁ ଆନନ୍ଦିତ କରିଛି ।ଆଜି ବହୁଳ ଭାବେ ବ୍ୟବହୃତ ସାମାଜିକ ଗଣମାଧ୍ୟମ ହ୍ୱାଟସଆପ ଜରିଆରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ହାନୁମନ୍ତୟେ ଧାମଧେରେ (ଭାବସେ) ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି, କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଚମ୍ପୁଆ ରେଞ୍ଜର ବାଲିବନ୍ଧ ଅଞ୍ଚଳରେ ଆତଯାତ କରୁଥିବା ୨୧ ଟିକିଆ ହାତୀଙ୍କ ଏକ ଦଳରେ ଏକ ନୂତନ ହାତୀ ଛୁଆର ଜନ୍ମ ହୋଇଛି, ଯାହା ଫଳରେ ଏହି ଦଳରେ ହାତୀଙ୍କ ସଂଖ୍ୟା ବୃଦ୍ଧି ପାଇ ୨୨ରେ ପହଞ୍ଚିଛି ।ନବଜାତ ଛୁଆଟି ସୁରକ୍ଷିତ ଓ ସକ୍ରିୟ

ଥିବା ଦେଖିବାକୁ ମିଳିଛି ଏବଂ ସେ ନିଜ ମା' ଠାରୁ କ୍ଷୀର ପିଇବା ସହ ଦଳ ସହିତ ଚଳପ୍ରଚଳ ମଧ୍ୟ କରୁଛି ।ମା' ଓ ଛୁଆର ସୁରକ୍ଷା ତଥା କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ବନ ବିଭାଗର କର୍ମଚାରୀମାନଙ୍କ ଦ୍ୱାରା ଏହି ହାତୀ ଦଳ ଉପରେ ନିରନ୍ତର ନଜର ରଖାଯାଇଛି । ଗଣେଶ ଚତୁର୍ଥୀର ଶୁଭ ଅବସରରେ ଏହି ଛୁଆର ଜନ୍ମ ଏକ ଆନନ୍ଦଦାୟକ ମୁହୂର୍ତ୍ତ ହୋଇଥିବା ବେଳେ ଏହି ଅଞ୍ଚଳରେ ହାତୀ ସଂରକ୍ଷଣ ଦିଗରେ ଏହା ଏକ ସକାରାତ୍ମକ ସଙ୍କେତ ଅଟେ ।

୧୨ ଚକିଆ ଟ୍ରକ୍ ଧକ୍କାରେ ମହିଳା ମୃତ

ଆଶ୍ରମ ସ୍କୁଲକୁ ନଡ଼ିଆ, କଦଳୀ ଦେବାକୁ ଯାଉଥିଲେ; ଧକ୍କା ଦେଇ ଟ୍ରକ୍ ଫେରାର

କେନ୍ଦୁଝର ସଦର ୧୪/୦୯ (ମନୋଜ କୁମାର ପଟେଲ): ବାଂଶପାଳ ବ୍ଲକ ବୟାକୁମୁଟିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାୟାପଣ୍ଡାଦର ଛକ ନିକଟରେ ୪୯ ନମ୍ବର ଜାତୀୟ ରାଜପଥରେ ଆଜି ଅପରାହ୍ନରେ ଏକ ୧୨ ଚକିଆ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତ୍ୟୁ ହେଲେ ବାୟାପଣ୍ଡାଦର ଶିମିଳିଶ୍ୱରସାହିର ପାନ ସେନାପତି (୨୬)। ତାଙ୍କ ଶାଶୂଘର ଉପରଜାଗର ଓ ସ୍ୱାମୀ ପଟେଲ ସେନାପତି ବୋଲି ଜଣାପଡ଼ିଛି ।ସୂଚନାନୁସାରେ, ଗଣେଶ ପୂଜା ଅବସରରେ ନିଜ ପିଲାମାନଙ୍କ ପାଇଁ ବାୟାପଣ୍ଡାଦର ଆଶ୍ରମ ସ୍କୁଲକୁ ନଡ଼ିଆ ଓ କଦଳୀ ଦେବା ପାଇଁ ପାନ ଚାଲିଚାଲି ଯାଉଥିଲେ । ଅପରାହ୍ନ ପ୍ରାୟ ୨ଟା ୩୦ରେ ସେ ରାସ୍ତାକଡ଼ରେ ଯାଉଥିବା ବେଳେ କାଞ୍ଜିପାଣି ପଟୁ କେନ୍ଦୁଝର ଅଭିମୁଖେ ଯାଉଥିବା ୧୨ ଚକିଆ ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇଥିଲା । ଧକ୍କା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ।ଘଟଣାକୁ ନେଇ ସ୍ଥାନୀୟ ଲୋକେ କିଛି ସମୟ ପାଇଁ ରାଜପଥର ଗୋଟିଏ ପାର୍ଶ୍ୱର ଯାତାୟାତ ବନ୍ଦ କରିଥିଲେ । ଖବର ପାଇ ସୁଆକାଟୀ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ମେଡିକାଲକୁ ପଠାଇଛି । ଫେରାର ଟ୍ରକ୍‌କୁ ଚିହ୍ନଟ କରିବା ସହ ଚାଳକଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି ।ଅନ୍ୟପକ୍ଷରେ, ପାରିବାରିକ ସମ୍ପର୍କକୁ ନେଇ ସମସ୍ୟା ଥିବାରୁ ପାନ କିଛିଦିନ ଧରି ବାପଘରେ ରହୁଥିବା ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି । ଏହି ମର୍ମନ୍ତୁଦ ଘଟଣାରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ନିମ୍ନମାନର ରାସ୍ତା ନିର୍ମାଣ

ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ, ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଦାବି

ଚମ୍ପୁଆ, ୧୪/୦୯(ରାମକୃଷ୍ଣ ଜିତ):- ଚମ୍ପୁଆ ବ୍ଲକ ସୁନାପଶି ପଞ୍ଚାୟତରେ ଏକ ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅନୁଦାନରେ ଯୋଡ଼ା।ପୋଖରୀ ଗ୍ରାମରୁ ସରାସପଶି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଜଙ୍ଗଲସାହି ଠାରେ ଏକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି । ମାତ୍ର ଏହି କାର୍ଯ୍ୟର ମାନ ଅତି ନିମ୍ନକୋଟୀର ହୋଇଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ଏବେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଭିଯୋଗ ଅନୁଯାୟୀ, ଚମ୍ପୁଆ ପଞ୍ଚାୟତ ସମିତି ତତ୍ତ୍ୱାବଧାନରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲା । ତେବେ ଠିକାଦାର କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷ ପୂର୍ବରୁ ଥିବା ପୁରୁଣା ମେଣ୍ଟାଲିଙ୍ଗକୁ ନ ହଟାଇ, ତାହା ଉପରେ ହିଁ ସିଧାସଳଖ କଂକ୍ରିଟ କାମ କରିଦେଇଛନ୍ତି । ଏହା ସହିତ ନିର୍ମାଣ କାର୍ଯ୍ୟରେ ଅତି ନିମ୍ନମାନର ବାଲି ବ୍ୟବହାର କରାଯିବା ସହ ସିମେଣ୍ଟ ପରିମାଣରେ ବ୍ୟାପକ ହେରଫେର ଓ ଘୋଟାଲା ହୋଇଥିବା ଗ୍ରାମବାସୀ ସିଧାସଳଖ ଅଭିଯୋଗ କରିଛନ୍ତି । ସରକାରୀ ପାଣ୍ଠିର ଏଭଳି ଅପବ୍ୟବହାର ଏବଂ ଦୁର୍ନୀତିକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ବ୍ଲକ ପ୍ରଶାସନ ତୁରନ୍ତ ଏହି ଘଟଣା ସ୍ଥଳଜାଞ୍ଚ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

ଦୈତାରି-ତାଳପଦା ରାସ୍ତା ଶୋଚନୀୟ

ହରିଚନ୍ଦନପୁର ୧୪/୯(ଶୂନ୍ୟରଞ୍ଜନ ଘଣା) : ହରିଚନ୍ଦନପୁର ବ୍ଲକ୍ ଦୈତାରି ପଞ୍ଚାୟତଠାରୁ ବରେଇଗୋଡ଼ା ପଞ୍ଚାୟତ ତାଳପଦା ଗାଁକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଶୋଚନୀୟ ହୋଇପଡ଼ିଛି । ଲଘୁଚାପ ଜନିତ ବର୍ଷାରେ ରାସ୍ତାର ବିଭିନ୍ନ ସ୍ଥାନରୁ ମାଟି ଧୋଇହୋଇ ବଡ଼ବଡ଼ ଖାଲ ହୋଇ ପାଣି ଜମିଛି । ରାସ୍ତାରେ ଥିବା ଦୁଇଗୋଟି ପୋଲ ମଧ୍ୟ ବିପଦସଂକୁଳ ହୋଇପଡ଼ିଛି । ରେବଣା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରାସ୍ତାଟି ଥିବାରୁ ପ୍ରତିବର୍ଷ ବନବିଭାଗ ପକ୍ଷରୁ କେବଳ ମାଟି ପକାଇ ରାସ୍ତାକୁ ସମତୁଲ କରାଯାଉଛି । ସାମାନ୍ୟ ବର୍ଷା ହେଲେ ରାସ୍ତା ପୁଣି ପୂର୍ବଭଳି ହୋଇଯାଉଛି । ରାସ୍ତା ଖରାପ ଥିବାରୁ ଯାତାୟାତ ବେଳେ ଲୋକଙ୍କୁ ହଟହଟା ହେବାକୁ ପଡୁଛି । ସ୍କୁଲବସ୍, ଆମ୍ବୁଲାନ୍ସ, ଖଣି କର୍ମଚାରୀଙ୍କୁ ନେଇ ଯାଉଥିବା ବସ୍ ମଧ୍ୟ ଠିକ୍‌ଭାବେ ଯାଆସ କରିପାରୁନି । ହି ରାସ୍ତାରେ ଯାତାୟାତ କରୁଥିବା ଏକମାତ୍ର ଯାତ୍ରୀବାହୀ ବସ୍ ବନ୍ଦ ହୋଇଯାଇଛି । ଅନେକ ବସ୍‌ର ଭାୟା ତାଳପଦା ଦେଇ ଦୈତାରି ପର୍ଯ୍ୟନ୍ତ ଯାତାୟାତ ପାଇଁ ଅନୁମତି ଥିଲେ ମଧ୍ୟ ରାସ୍ତା ଖରାପ ଯୋଗୁଁ ବସ୍‌ଗୁଡ଼ିକ ଦୈତାରି ନଆସି ବରେଇଗୋଡ଼ାରେ ଅଟକି ରହୁଛି । ଦୈତାରିଠାରୁ ଭାୟା ତାଳପଦା ଦେଇ ହରିଚନ୍ଦନପୁର ବ୍ଲକ୍ କାର୍ଯ୍ୟାଳୟ ମାତ୍ର ୩୦ କିମି ହୋଇଥିବା ବେଳେ ଭାୟା ବ୍ରାହ୍ମଣୀପାଳ ଦେଇ ବ୍ଲକ୍ କାର୍ଯ୍ୟାଳୟ ୫୦କିମି ।ଦୈତାରିଠାରୁ ବରେଇଗୋଡ଼ା ପଞ୍ଚାୟତକୁ ସବୁଦିନିଆ ରାସ୍ତା ନିର୍ମାଣ କରାଗଲେ ଉଭୟ ଦୈତାରି ଓ ବରେଇଗୋଡ଼ା ପଞ୍ଚାୟତବାସୀ ଉପକୃତ ହେବେ ।

ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ଧୁରୁଡ଼ିଆମ୍ବ ସେମିରେ

ହରିଚନ୍ଦନପୁର, ୧୪/୯(ଶୂନ୍ୟରଞ୍ଜନ ଘଣା) : ହରିଚନ୍ଦନପୁର ବ୍ଲକ୍ ଠାକୁରପଡ଼ା ପଞ୍ଚାୟତ ଝାଟିଆଳି ଗାଁସ୍ଥିତ ମାଣିଆ ମିନି ଷ୍ଟାଡିୟମରେ ମହାବୀରା ଠାକୁରାଣୀ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନର ଖେଳ ଅନୁଷ୍ଠିତ ହୋଇଛି । ନିୟୁ ରାଇଜିଂ ଇଗଲ, ଧୁରୁଡ଼ିଆମ୍ବ ଦଳ ହରେଗା ତ ପିକେ ଡାଉନ୍ ତାଳଡିହି ଦଳକୁ ୪-୦ ଗୋଲ୍‌ରେ ପରାସ୍ତ କରି ସେମିରେ ପହଞ୍ଚିଛି । ଗଣ୍ଡତିହା ଉପ୍ରା ସ୍କୁଲର ପ୍ରଧାନଶିକ୍ଷକ ଜଗବନ୍ଧୁ ମହାନ୍ତ, ବିଜେପି ନେତା ପ୍ରଦୀପ କୁମାର ପଣ୍ଡା,ଅବସରପ୍ରାପ୍ତ ଅଧ୍ୟାପିକା ସୁମିତା କବି ଅତିଥି ଭାବେ ଯୋଗଦେଇଥିଲେ । କ୍ଲବ୍‌ର ସଭାପତି ଧର୍ମପଦ ମହାନ୍ତ,ସମ୍ପାଦକ ଯତୀନ କୁମାର ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି ।

ବିନା ଗେଟପାସରେ ଖଣିରେ ଏଣ୍ଟ୍ରିକଲେ ୧୨ ବାଶୁଆ ହାତୀ

ଖଣିଅଞ୍ଚଳରେ ହାତୀଙ୍କ ଦବଙ୍ଗଗିରି

କେନ୍ଦୁଝର: ୧୪/୦୯(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା କେନ୍ଦୁଝର ବନଖଣ୍ଡରେ ହାତୀଙ୍କ ଦବଙ୍ଗଗିରି ବଢ଼ି ଚାଲିଛି, ବଣୁଆ ହାତୀ ଏବେ ଜନବସତି, ଖଣିଅଞ୍ଚଳ, ଶିଳ୍ପାଞ୍ଚଳ, ସହରାଞ୍ଚଳ ଆଦିରେ ଅବାଧ ଭଙ୍ଗ ପ୍ରବେଶ କରି ଆତଙ୍କରାଜ ସୃଷ୍ଟି କରୁଛନ୍ତି । ଖଣିଜ ଖନନ, ଶିଳାୟନ, ବନବିଭାଗର ଅପରିଣାମଦର୍ଶିତା, ବନୀକରଣ ନାମରେ ହରିଲୁଟ ଆଦି କାରଣରୁ ଜଙ୍ଗଲ ସମ୍ପଦ ଦୃତ ଅବକ୍ଷୟ ହୋଇ ଚାଲିଛି ଏଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ବିପନ୍ନ ହୋଇଛି । ଜଙ୍ଗଲ ଅବକ୍ଷୟ ଯୋଗୁଁ ବନ୍ୟପ୍ରାଣୀ ଜଙ୍ଗଲରେ ଖାଦ୍ୟ ନପାଇ ଏବଂ ବାସସ୍ଥାନ ହରାଇ ଭୋକବିକଳରେ ଜନବସତି ଆଡ଼କୁ ଚାଲି ଆସୁଛନ୍ତି । ସେହିଭଳି ବିନା ଗେଟପାସରେ ଖଣିରେ ଏକାଥରକେ ଖଣି ଭିତରେ ୧୨ ଟିକିଆ ହାତୀପଲ ଏଣ୍ଟ୍ରି ମାରିଛି । କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ତଥା ଯୋଡ଼ା ଖଣିମଣ୍ଡଳ ଅନ୍ତର୍ଗତ କାଟାମାଟି ଖଣିରେ ଗତ ରବିବାର ସନ୍ଧ୍ୟା ସମୟରେ ୧୨ଟି କିଆ ହାତୀପଲଙ୍କୁ ଦେଖି ଖଣିରେ ବିଭିନ୍ନ କାର୍ଯ୍ୟରେ

ନିୟୋଜିତ ଥିବା ଲୋକେ ଭୟଭୀତ ହୋଇ ପଡ଼ିଥିଲେ । ପ୍ରାପ୍ତ ସୂଚନାନୁଯାୟୀ, ଏହି ହାତୀପଲ ବଡ଼ବିଲ୍ ରେଞ୍ଜ ମହାଦେବବନଶା ଜଙ୍ଗଲରୁ ବାହାରି କାଟାମାଟି ଖଣିର ପାର୍କିଂ ଦେଇ ନିକଟସ୍ଥ ଜଙ୍ଗଲକୁ ପଳାଇଥିବା ଜଣାପଡିଛି । ହାତୀପଲ ଖଣିରେ କୌଣସି କ୍ଷୟକ୍ଷତି କରିନଥିବା ବେଳେ ହାତୀଙ୍କ ଅଚାନକ ଏହି ଦବଙ୍ଗ ଏଣ୍ଟ୍ରିରେ ଲୋକେ ଭୟଭୀତ । ଗତ ୧ମାସ ଧରି ଏହି ହାତୀପଲ ସ୍ଥାନୀୟ ଅଞ୍ଚଳରେ ଚଳପ୍ରଚଳ କରୁଥିବା ନେଇ ସୂଚନା ରହିଛି ।

ମାନବାଧିକାର କମିଶନର ନୂତନ ସଦସ୍ୟ ବିରଜା ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଲେ କୁଣ୍ଡେଶ୍ୱର ମନ୍ଦିର ପରିଚାଳନା କମିଟି

କେନ୍ଦୁଝର: ୧୪/୦୯(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ମୁଖ୍ୟାଳୟ ଠାରୁ ଅନତି ଦୂର କୁଣ୍ଡାପିଠା କୁଣ୍ଡେଶ୍ୱର ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଗତ ରବିବାର ମାନବାଧିକାର କମିଶନଙ୍କ ନୂତନ ସଦସ୍ୟ ବିରଜା ମିଶ୍ରଙ୍କୁ ତାଙ୍କ କେନ୍ଦୁଝର ସ୍ଥିତ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇବା ସହ କୁଣ୍ଡେଶ୍ୱର ମନ୍ଦିରର କେତେକ ସମସ୍ୟା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇବା ନିମନ୍ତେ ଅନୁରୋଧ କରିଛନ୍ତି । ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ କୁଣ୍ଡାପିଠାର ତ୍ରିସଙ୍ଗମ ସ୍ଥଳରେ ଅବସ୍ଥିତ ଏହି ଶୈବପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ , ମନ୍ଦିର ପରିସରରେ ଆଲୋକ ବ୍ୟବସ୍ଥା ଓ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ମନ୍ଦିର କମିଟିର ସଦସ୍ୟମାନେ ମାନବାଧିକାର କମିଶନ ସଦସ୍ୟ ବିରଜା ମିଶ୍ରଙ୍କୁ ଅନୁରୋଧ କରିଥିଲେ । ଏହି ସ୍ଥାନରେ ଦୀର୍ଘ ୨୦ ବର୍ଷଧରି ମକରସଂକ୍ରାନ୍ତି ଠାରୁ ସପ୍ତାହ ବ୍ୟାପୀ ମକର ମେଳା ଅନୁଷ୍ଠିତ ହୋଇଥାଏ । ଦୋକାନ ବଜାର ବସିବା ସହିତ ଏଠାରେ ବହୁଜନ ସମାଗମ ହୋଇଥାଏ । ଏହି ମନୋରମ ସ୍ଥାନରେ ଭୋଜି କରିବାକୁ ସ୍କୁଲ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ମାନେ ଆସିଥାନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏଠାରେ ପାନୀୟ ଜଳର ଘୋର ଅଭାବ ରହିଥିଲା । ଗତବର୍ଷ ଉକ୍ତ ସମସ୍ୟା ପ୍ରତି ବିରଜା ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାପରେ ସଙ୍ଗେ ସଙ୍ଗେ ସେ କୁଣ୍ଡେଶ୍ୱର ମନ୍ଦିର ପରିସରରେରେ ଏକ ନଳକୂପ ବସାଇବାର ବ୍ୟବସ୍ଥା କରିଥିଲେ ।ପାନୀ

୨୧ କିଲୋ ୩୦୦ ଗ୍ରାମ ଗଞ୍ଜେଇ ଜବତ, ଜଣେ ଗିରଫ

ନନ୍ଦପୁର ୧୪/୦୯ (ଶ୍ରୀରାମ ଖର)କୋରାପୁଟ ଜିଲ୍ଲା ପାଡୁଆ ଥାନା ପୁଲିସକୁ ଗଞ୍ଜେଇ ଚାଲାଣ ବିରୋଧୀ ଅଭିଯାନରେ ସଫଳତା ମିଳିଛି। ପାଡୁଆ ବଡଦେବତା ଛକ ନିକଟ ରାସ୍ତାରୁ ୨୧ କିଲୋ ୩୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି।ଗିରଫ ଅଭିଯୁକ୍ତ ଜଣକ କେରଳ ରାଜ୍ୟ ମଲ୍ଲପୁରମ ଜିଲ୍ଲା ପେରିନ୍ଥଲମନ୍ନା ଥାନା ଅନ୍ତର୍ଗତ ପେଡିୟାକୁ ଗ୍ରାମର ହୁସେନ ଆରାନକୋଡେଙ୍କ ପୁଅ ଉସମାନ ଅନାନକୋଡେ (୫୫) ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।ପୁଲିସ ସୂଚନା ଅନୁଯାୟୀ, ଗଞ୍ଜେଇ ଚାଲାଣ ସମ୍ପର୍କରେ ସୂଚନା ପାଇ ପାଡୁଆ ଥାନା ପୁଲିସ ଉକ୍ତ ଅଞ୍ଚଳରେ ଯାଞ୍ଚ କରୁଥିଲା। ଏହି ସମୟରେ ଅଭିଯୁକ୍ତଙ୍କ ନିକଟରୁ ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ଓଜନ ୨୧.୩୦୦ କିଲୋଗ୍ରାମ ବୋଲି ଜଣାପଡ଼ିଛି। ଏନେଇ ପାଡୁଆ ଥାନାରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଆଇନଗତ ପ୍ରକ୍ରିୟା ଅନୁସାରେ ଅଦାଲତରେ ହାଜର କରାଯାଇଥିବା ପାଡୁଆ ଥାନା ଅଧିକାରୀ ଟୁନା ପିଡିକା ସୂଚନା ଦେଇଛନ୍ତି।

ପାଣି କାଦୁଅରେ ଚାଲିଛି ତାଳଚେରହାଟ

ତାଳଚେର, ୧୪/୦୯ (ଅଜିତ) ତାଳଚେର ସନିବାର ହାଟରେ ଲୋକଙ୍କ ଏଭଳି ଦୁର୍ଦ୍ଦଶା ଏବଂ କାଦୁଆ ପାଣିରେ ଲୋକଙ୍କର ଖସିପଡ଼ି

ଆହତ ହେବା ଘଟଣା ଅତ୍ୟନ୍ତ ଚିନ୍ତାଜନକ। ଏତେ ବଡ଼ ହାଟ ହୋଇଥିଲେ ମଧ୍ୟ ସେଠାରେ ଡ୍ରେନେଜ୍ ବ୍ୟବସ୍ଥା ଏବଂ ପରିମଳ ସମସ୍ୟା ଦୀର୍ଘଦିନ ହେବ ସାଧାରଣରେ ଅସନ୍ତୋଷର କାରଣ ପାଲଟିଛି। ଏହି ସମସ୍ୟା ନେଇ ବୁଦ୍ଧିଜୀବୀ ଓ ସାଧାରଣ ବେପାରୀମାନଙ୍କ ମଧ୍ୟରେ ମୁଖ୍ୟତଃ ନିମ୍ନଲିଖିତ ପ୍ରଶ୍ନ ଓ କାରଣଗୁଡ଼ିକ ଆଲୋଚନାକୁ ଆସୁଛି କ୍ଷ ମୌଳିକ ସୁବିଧାର ଅଭାବ: ହାଟରେ ପାଣି ନିଷ୍କାସନ ପାଇଁ ଭଲ ଡ୍ରେନ୍ ନଥିବାରୁ ସାମାନ୍ୟ ବର୍ଷା କିମ୍ବା ପନିପରିବା ବର୍ଜ୍ୟବସ୍ତୁ ପଡ଼ି ସେଠାରେ କାଦୁଆ ଓ ପାଣି ଜମି ରହୁଛି, ଯାହାଫଳରେ ଗ୍ରାହକ ଓ ବେପାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆର୍ଥିକ ଅବ୍ୟବସ୍ଥା ଓ ଜାଗା ଭଡ଼ା, ଛୋଟ ବଡ଼ ବେପାରୀମାନଙ୍କଠାରୁ ବିଭିନ୍ନ ପ୍ରକାରର ଆଦାୟ ହେଉଥିବା ସତ୍ତ୍ୱେ ହାଟର ଉନ୍ନତିକରଣ କାହିଁକି ହୋଇପାରୁ ନାହିଁ, ତାହାକୁ ନେଇ ବେପାରୀମାନେ କ୍ଷୋଭ ପ୍ରକାଶ କରୁଛନ୍ତି। ପ୍ରଶାସନିକ ଦୃଷ୍ଟିର ଅଭାବ: ଉପଜିଲ୍ଲାପାଳ କିମ୍ବା ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ପ୍ରଶାସନିକ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ହାଟରେ ପକ୍କା ରାସ୍ତା, ଉଚ୍ଚା ସ୍ଥାନରେ ଦୋକାନ ବ୍ୟବସ୍ଥା ଏବଂ ଜଳ ନିଷ୍କାସନର ସଠିକ୍ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ସ୍ୱାତକ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳନ

ବେଲଗୁଣ୍ଠା ୧୪/୦୯ (ଅକ୍ଷର ଓଡିଶା),କ୍ଷେତ୍ରିୟ ବରପୁର ଆଞ୍ଚଳିକ ସ୍ୱାତକ ମହାବିଦ୍ୟାଳୟ ର ଯୁବ ରେଡକ୍ରସ୍ ଶାଖା ପକ୍ଷରୁ ବିଶ୍ୱ ପ୍ରାଥମିକ ଉପଚାର ଦିବସ ଅଧକ୍ଷ ଡଃ ଗିରୀଧର ନାୟକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ତଥା ଗଂଜାମ ଜିଲ୍ଲା ଯୁବ ରେଡକ୍ରସ୍ ଉପଦେଷ୍ଟା ବି ଗୋବିନ୍ଦା ରାଓ ଯୋଗଦେଇ କାର୍ଯ୍ୟକ୍ରମ ର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ସ୍ୱେଚ୍ଛାସେବୀ ମାନେ ପ୍ରାଥମିକ ସହାୟତା ଭଳି ମହତ୍ କାର୍ଯ୍ୟ ରେ ନିୟୋଜିତ ହୋଇ ଆହତ ବ୍ୟକ୍ତି ମାନଙ୍କୁ ତ୍ୱରିତ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ପରିଶେଷରେ ମୁଖ୍ୟ ଅତିଥି ପ୍ରାଥମିକ ସହାୟତା ର କଉଶଳ ଗୁଡ଼ିକୁ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଯୁବ ରେଡକ୍ରସ୍ ପରାମର୍ଶଦାତା ଡ଼ଃ ସଂଜୀବ କୁମାର ଦାସ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ପରିଚାଳନା ରେ ସହଯୋଗ କରିଥିଲେ।

ସାମ୍ବାଦିକଙ୍କୁ ଅପମାନଜନକ ମନ୍ତବ୍ୟ ମହଙ୍ଗା ପଡ଼ିଲା, ଥାନାରେ ଅଭିଯୋଗ

କୋଇଡ଼ା: ୧୪/୯ (ଅକ୍ଷର ଓଡିଶା):- ସାମ୍ବାଦିକଙ୍କ ବିରୋଧରେ ସୋସିଆଲ ମିଡିଆରେ ଅପମାନଜନକ ଓ ଭିତ୍ତିହୀନ ମନ୍ତବ୍ୟ ଦେବା ଘଟଣାକୁ ନେଇ ତାତିଲା କୋଇଡ଼ା ସାମ୍ବାଦିକ ମହଲ। ଗଣମାଧ୍ୟମକୁ ନେଇ ଆପତ୍ତିଜନକ ମନ୍ତବ୍ୟ ଏବଂ ସାମ୍ବାଦିକଙ୍କ ଚରିତ୍ର ଓ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇବା ଘଟଣାକୁ ନେଇ ସ୍ଥାନୀୟ ସାମ୍ବାଦିକମାନେ କୋଇଡ଼ା ଥାନାର ଦ୍ୱାରସ୍ଥ ହୋଇଛନ୍ତି।ଅଭିଯୋଗ ଅନୁଯାୟୀ, ନିଜକୁ ସମାଜସେବୀ ବୋଲି ପରିଚୟ ଦେଉଥିବା ସହଦେବ ବେହେରା ନାମକ ଜଣେ ବ୍ୟକ୍ତି ନିଜ ଫେସବୁକ୍ ଆକାଉଣ୍ଟରେ ଏକ ଭିଡିଓ ପ୍ରକାଶ କରି ସାମ୍ବାଦିକମାନଙ୍କ ବିରୋଧରେ ଗୁରୁତର ଅଭିଯୋଗ ଓ ଅପମାନଜନକ ମନ୍ତବ୍ୟ ଦେଇଥିଲେ।ଗତ ଶନିବାର ଏକ ଘରୋଇ କାରଖାନାରେ ଦୁର୍ଘଟଣା ଘଟିଥିଲା। ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେବା ପୂର୍ବରୁ ଖବର ପ୍ରସାରଣ କରାଯାଇନଥିବାକୁ ନେଇ ସମ୍ପୃକ୍ତ ବ୍ୟକ୍ତି ସାମ୍ବାଦିକଙ୍କୁ ପ୍ରଶ୍ନ କରିଥିବା ଅଭିଯୋଗ ହୋଇଛି।ସାମ୍ବାଦିକ ମହଲର ପ୍ରଶ୍ନ, କୌଣସି ଖବରକୁ ନେଇ ଅସନ୍ତୋଷ ଥିଲେ ତଥ୍ୟ ଓ ପ୍ରମାଣ ସହ ପ୍ରତିବାଦ କରାଯାଇପାରେ। ହେଲେ ପ୍ରମାଣ ବିନା ସମଗ୍ର ସାମ୍ବାଦିକ ସମାଜକୁ ଅର୍ଥ ନେଉଥିବା ବା ବିକ୍ରି ହୋଇଯାଇଥିବା ଭଳି ଅଭିଯୋଗ କରିବାର ଅଧିକାର କିଏ ଦେଇଛି ଏଭଳି ମନ୍ତବ୍ୟ କେବଳ ସାମ୍ବାଦିକଙ୍କ ସମ୍ମାନକୁ ନୁହେଁ, ଗଣମାଧ୍ୟମର ସ୍ୱାଧୀନତା ଓ ବିଶ୍ୱସନୀୟତାକୁ ମଧ୍ୟ ଆଘାତ କରୁଛି ବୋଲି ସାମ୍ବାଦିକମାନେ କହିଛନ୍ତି।ଏହି ଘଟଣାକୁ ନେଇ ସ୍ଥାନୀୟ ସାମ୍ବାଦିକମାନେ ଏକଜୁଟ୍ ହୋଇ କୋଇଡ଼ା ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଭିଡିଓରେ କରାଯାଇଥିବା ମନ୍ତବ୍ୟର ତଦନ୍ତ କରି ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ପୁଲିସକୁ ଦାବି କରାଯାଇଛି।ସେହିପରି ଭବିଷ୍ୟତରେ ସାମ୍ବାଦିକ ଓ ଗଣମାଧ୍ୟମକୁ ନେଇ ପ୍ରମାଣବିହୀନ, ଅପମାନଜନକ ଓ ଭିତ୍ତିହୀନ ଅଭିଯୋଗ କରାଗଲେ ଆଇନର ଆଶ୍ରୟ ନିଆଯିବ ବୋଲି ସାମ୍ବାଦିକ ମହଲ ପକ୍ଷରୁ ସ୍ପଷ୍ଟ କରାଯାଇଛି।

କଳାଙ୍ଗରେ ଉଲ୍ଲାସ ପ୍ରଶିକ୍ଷଣ ଓ ପଥପ୍ରାନ୍ତ ନାଟକ ପରିବେଷଣ

ବୋଲଗଡ଼ ୧୪/୦୯ (ଅକ୍ଷର ଓଡିଶା)ବୋଲଗଡ଼ ମଣ୍ଡଳ ଅନ୍ତର୍ଗତ କାହ୍ନୁ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ,କଳାଙ୍ଗ ସମ୍ମିଳନୀ କକ୍ଷରେ ସାଧନ କେନ୍ଦ୍ର ସଂଯୋଜକ ବିଭୁପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଲ୍ଲାସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୯ଟି ସରକାରୀ ମାଧ୍ୟମିକ,ଉଚ୍ଚ ପ୍ରାଥମିକ ,ପ୍ରାଥମିକ ବିଦ୍ୟାଳୟର ୧୮ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଶ୍ରୀ ମହାପାତ୍ର ଉଲ୍ଲାସ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କାହ୍ନୁ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ,ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ,ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତିନ୍ଦ୍ର ଦାସ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ,ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ମହାପାତ୍ରଙ୍କ ଉପସ୍ଥିତିରେ ପ୍ଲା କାର୍ଡ ଧରି ସ୍ଲୋଗାନ ଦେଇ କଳାଙ୍ଗ ଗ୍ରାମ ପରିକ୍ରମା କରିଥିଲେ । ଉକ୍ତ ଗ୍ରାମର ଦୁର୍ଗା ମଣ୍ଡପ ଛକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସ୍ୱାଇଁ ଙ୍କ ରଚନା ଓ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ପାଣିଙ୍କ ନିର୍ଦ୍ଦେଶନାରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ସଚେତନତାମୂଳକ ନୃତ୍ୟ ଏବଂ ପଥପ୍ରାନ୍ତ ନାଟକ ଅରକ୍ଷିତକୁ ଦଇବ ସାହା ପରିବେଷଣ କରାଯାଇଥିଲା । ଉଭୟ ନୃତ୍ୟ ଓ ନାଟକର ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ବିଚାରକ ରୂପେ ଅବସର ପ୍ରାପ୍ତ କିରାଣୀ ବସନ୍ତ କୁମାର ହୋତା ଓ ବରିଷ୍ଠ ନାଗରିକ ଶରତ କୁମାର ହୋତା ଚୟନ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସ୍ୱାଇଁଙ୍କ ପୌରାହିତ୍ୟ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅଧ୍ୟାତ୍ମିକ ପ୍ରବକ୍ତା ପୂର୍ଣଚନ୍ଦ୍ର ବେହେରା ମୁଖ୍ୟ ଅତିଥି ,ସମାଜସେବୀ ସରେଶ କୁମାର ବେହେରା ମୁଖ୍ୟବକ୍ତା,ବିଦ୍ୟାଳୟ ପରିଚାଳନା ପରିଷଦର ଅଧକ୍ଷ ପ୍ରସନ୍ନ କୁମାର ହୋତା ସମ୍ମାନିତ ଅତିଥି ରୂପେ ଯୋଗଦାନ କରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ପରିଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଡୁଙ୍ଗୁରିପାଲିରେ ବ୍ଲକ୍ ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆଖିଲେଷ ଭୋଇ ପ୍ରଥମ ସ୍ଥାନ

ସୁବର୍ଣ୍ଣପୁର: ୧୪ ।୯(ସଂଗ୍ରାମମହାପାତ୍ର) ନ୍ୟାସନାଲ୍ କାଉନ୍ସିଲ୍ ଅଫ୍ ସାଇନ୍ସ ମ୍ୟୁଜିଅମ୍ର ଆଭିମୁଖ୍ୟରେ, ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ବ୍ଲକ୍ ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ମୋଟ ୨୫ ଜଣ ବିଦ୍ୟାର୍ଥୀ ଭାଗ ନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ।ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟବାନ କୁଆଁରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଶାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ।ଏହି ପ୍ରତିଯୋଗିତାରେ ପ୍ରାଣବନ୍ଧୁ ହୋତା ଓ ଚତୁର୍ଭୁଜ ସାହୁ ବିଚାରକ ଭାବେ ଦାୟିତ୍ୱ ତୁଲାଥିବା ବେଳେ ଈରଡ଼ କାର୍ଯ୍ୟାଳୟର ବ୍ଲକ୍ ବିଜ୍ଞାନ ସଂଯୋଜକ ଉମାକାନ୍ତ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା।ପ୍ରଥମ ସ୍ଥାନରେ ଆଖିଲେଷ ଭୋଇ (ଓଡ଼ିଶା ଆଦର୍ଶ

ବିଦ୍ୟାଳୟ, ଡୁଙ୍ଗୁରିପାଲି) ଦ୍ୱିତୀୟ ସ୍ଥାନରେ ଆଲିଭା ସାହୁ (ସରକାରୀ ଉଚ୍ଚ ବିଦ୍ୟାଳୟ, ଚେରୁପାଲି) ତୃତୀୟ ସ୍ଥାନରେ ଭାଗ୍ୟବନ୍ତ ପଧାନ (ରାମପୁର ଉଚ୍ଚ ବିଦ୍ୟାଳୟ, ରାମପୁର)କାର୍ଯ୍ୟକ୍ରମ ଶେଷରେ ସମସ୍ତ ବିଜେତାଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବା ସହ ଆଗାମୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି।

ଉନ୍ନତୀ ପଥରେ ବଡ଼ମ୍ବା ବୈକୁଣ୍ଠ ଭବନର ଶୁଭ ଉଦ୍‌ଘାଟନ

ଆଠଗଡ଼,୧୪/୯(ଅକ୍ଷର ଓଡ଼ିଶା)ବଡ଼ମ୍ବା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବୈକୁଣ୍ଠ ଭବନ ଉନ୍ନତୀକରଣ ନୂତନ ଭାବେ ନିର୍ମାଣ ହୋଇଥିବା ଉପରମହଲାର ଶୁଭ ଉଦଘାଟନ କଲେ ସାଂସଦ ରନ୍ ଭର୍ତ୍ତୃହରି ମହତାବ। ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କ ସମାରୋହ ଭବ୍ୟ ଢଙ୍ଗରେ ଏହାର ଉଦଘାଟନ କରାଯାଇଥିଲା। ଏହି ଶୁଭ ଅବସରରେ ବିଧାୟକ ବିଜୟ କୁମାର ଦଳବେହେରାଙ୍କ ସହିତ ବଡ଼ମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ବିଭୂଦତ୍ତ ପଟ୍ଟନାୟକ,କଟକ ଜିଲ୍ଲା (ଗ୍ରାମୀଣ) ସଭାପତି ରାମନାରାୟଣ ମହାନ୍ତି, ଉପସଭାପତି କଟକ ଜିଲ୍ଲା ଗ୍ରାମୀଣ ମନୋଜ୍ କୁମାର ପଣ୍ଡା,ସହ ସମ୍ପାଦକ କଟକ ଜିଲ୍ଲା ଗ୍ରାମୀଣ ସୂର୍ଯ୍ୟମଣୀ ଜେନା, ବ୍ଲକ୍ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ଦାସ,କୋଲେଶ୍ୱର ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତି ସଂଧ୍ୟାରାଣୀ ହୋତା, ସମସ୍ତ ବଶିଷ୍ଠ ନେତୃତ୍ୱ, ଯୁବ ନେତୃତ୍ୱ, ବୁଦ୍ଧିଜୀବୀ ଏବଂ ଅଞ୍ଚଳ ବାସୀ ଉପସ୍ଥିତ ଥିଲେ।

ଭଗବତୀଦେବୀ ଗୃହ ପ୍ରତିଷ୍ଠାରେ ଏକ କୁଣ୍ଡିୟ ଗାୟତ୍ରୀ ମହା ଯଜ୍ଞ ଅନୁଷ୍ଠିତ

କଲାହାଣ୍ଡି /୧୪/୯(ରାମ କୁମାର ସେନାପତି)କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚିଚିଆ ଗ୍ରାମ ପଞ୍ଚାୟତ ଅଧିନରେ ଥିବା ପଣ୍ଡକୁଲ୍ ଗ୍ରାମର ମମତା ସେନାପତି ଓ ତାଙ୍କ ସ୍ୱାମୀ ମନୋହର ସେନାପତି ଗୋ ସାଲା ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରୁ ଆଜି ଗୃହ ପ୍ରବେଶ ହେତୁ ସେହି ଗୃହରେ ଏକ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା, ଏହି ପରିପ୍ରେକ୍ଷୀରେ ଶାନ୍ତି କୁଞ୍ଜ ହରିଦ୍ୱାର ତ୍ୱତାବଧନରେ ଓ କାଙ୍କରୀ ଚରଣ ପୀଠରୁ ଅନନ୍ତ ବାଗ, ପପୁ ପଟେଲ ଓ ସିବଂଶୁ ପଟ୍ଟଯୋଶୀ ପ୍ରମୁଖ ଯୋଗ ଦେଇ ଗୃହ ପ୍ରତିଷ୍ଠାରେ ଏକ କୁଣ୍ଡିୟ ଗାୟତ୍ରୀ ମହା ଯଜ୍ଞ ମହା ସମାରୋହରେ ସଂପନ୍ନ ହୋଇଥିଲା ଏହି ଅବସରରେ, ପ୍ରସନ୍ନ କୁମାର ସେନାପତି, ଆଳାଦିନି ସେନାପତି, ମାଧୁରୀ ସେନାପତି, ଆରତୀ ସେନାପତି, ଅନିତା ସେନାପତି, ପ୍ରଜ୍ଞା ସେନାପତି, ପ୍ରତିଜ୍ଞା ସେନାପତି, ତରୁଣ ସେନା ପତି,ପୀୟୁଷ ସେନାପତି, ଆୟୁଷ ଜାଲ ପ୍ରମୁଖ ଉପସ୍ଥିତ ରହି ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ ।

ପୋଲିସ ପଞ୍ଚାରେ ଆନ୍ତଃ ରାଜ୍ୟ ଚିନ୍ତାଇ ଗ୍ୟାଙ୍ଗ ନଗଦ ୩.୧୦ଲକ୍ଷ ଟଙ୍କା ୧୪ଟି ସୁନା ଚେନ୍ ଓ ହାର, ୯ଟି ମୋବାଇଲ୍ ଓ ୨ଟି ବାଇକ୍ ଜବତ

ପୁରୀ ୧୪/୦୯ (ଅକ୍ଷର ଓଡ଼ିଶା) :ଭୁବନେଶ୍ୱର,ପୁରୀ ଓ ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଛିନ୍ତାଇ ଗ୍ୟାଙ୍ଗର ୩ ଜଣ ଓ ସେମାନଙ୍କ ଠାରୁ ଲୁଟ ସାମଗ୍ରୀ କିଣୁଥିବା ଅନ୍ୟ ୩ ଜଣଙ୍କୁ ମିଶାଇ ମୋଟ ୬ ଜଣଙ୍କୁ ପୋଲିସ ଗିରଫ କରିଛି।ଗିରଫ ଛିନ୍ତାଇ ଗ୍ୟାଙ୍ଗର ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ହିରାପୁରର ବାଇନ ଓରଫ ପ୍ରଦୀପ ମଲ୍ଲ(୨୪),ପିଚୁକୋଳିର ସପନ ଓରଫ ପଦ୍ମନାଭ ପରିଡ଼ା (୪୭)ଓ କାତାବାର ବବୁଲ ଓରଫ ଶେଖ୍ ଲିଆକତ (୩୦)। ସେମାନଙ୍କ ନିକଟରୁ ଲୁଟ ସାମଗ୍ରୀ କିଣୁଥିବା ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଅଞ୍ଚଳର ଅନ୍ୟ ୩ ଜଣଙ୍କୁ ମଧ୍ୟ ଗିରଫ କରାଯାଇଥିବା ଏସପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୩ ଲକ୍ଷ ୧୦ ହଜାର ଟଙ୍କା,୧୩ଟି ସୁନା ଚେନ୍,ଗୋଟିଏ ସୁନା ହାର (ନେକଲେସ୍),ଗୋଟିଏସୁନା ବ୍ରେସଲେଟ୍,ହଳେ ସୁନା କାନଫୁଲ,୨ଟି ସୁନା ଲକେଟ୍,୯ଟି ମୋବାଇଲ୍,୫ଟି ଭ୍ୟାନିଟି ବ୍ୟାଗ୍ ଓଦୁଇଟି କଳା ରଙ୍ଗର ପଲସର ବାଇକ୍ ଜବତ କରାଯାଇଛି। ଟାଉନଥାନା ଅନ୍ତର୍ଗତ ବାଲିସାହି ସିଦ୍ଧବକୁଳ ଲେନର ସଞ୍ଜିବ ରତନ ମହାନ୍ତି ଗତ ୯ ତାରିଖରେ କରିଥିବା ଅଭିଯୋଗକୁ ଭିତ୍ତି କରି ଚନ୍ଦନପୁରଥାନା ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ଛିନ୍ତାଇ ଗ୍ୟାଙ୍ଗ୍ ଗଢ଼ି ପୁରୀ, ଭୁବନେଶ୍ୱର ଓ ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରୁ ଚେନ, ମୋବାଇଲ୍ ଓ ଭ୍ୟାନିଟ ଆଦି ଲୁଟ କରୁଥିଲେ। ଲୁଟେରା ମାନଙ୍କ ସମ୍ପର୍କରେ ସୂଚନା ଦେଇ ଏସପି କହିଥିଲେ ଯେ ଗ୍ୟାଙ୍ଗର ସଦସ୍ୟମାନେ ମୋଟରସାଇକେଲରେ ବୁଲାବୁଲି କରି ପ୍ରଥମେ ଟାର୍ଗେଟ ଚିହ୍ନଟ କରୁଥିଲେ। ପରେ ଦ୍ରୁତଗତିରେ ନିକଟରେ ପହଞ୍ଚି ସୁଯୋଗ ଦେଖି ଲୋକଙ୍କ ବେକରୁ ସୁନା ଚେନ,ହାର ଅଥବା ସାଥୀରେ ନେଉଥିବା ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇ ତୁରନ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଉଥିଲେ। ସେମାନେ ବିଭିନ୍ନ ଥାନା ଅଞ୍ଚଳରେ ଅପରାଧ ଘଟାଇ ଗିରଫରୁ ବର୍ତ୍ତିବା ପାଇଁ ବାଇକ୍ ଯୋଗେ ଗୋଟିଏ ସ୍ଥାନରୁ ଅନ୍ୟସ୍

ବିଭିନ୍ନ ପୂଜା ମଣ୍ଡପରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



ନୂଆଁଖାଇ

ମନୁଷ୍ୟ ସର୍ବଦା ନିଜ ଜୀବନକୁ ସରସ ସୁନ୍ଦର କରିବାକୁ ଚେଷ୍ଟିତ । ହସିଖେଳି ଜୀବନକୁ ଉପଭୋଗ କରିବା ପାଇଁ ସବୁ ମାଙ୍ଗଳିକ କାର୍ଯ୍ୟକ୍ରମ , ମନ୍ଦିରତୋଳା ଓ ପୂଜାବିଧି କରିଥାଏ । ଆଉ ମଧ୍ୟ ଯେତେ ସବୁ ପର୍ବ ପର୍ବାଣୀ ଓ ଯାନିଯାତ୍ରା, ଗୋଷ୍ଠୀଗତ ଜୀବନର ସୁଖ ଭୋଗ ପାଇଁ କରାଯାଏ । ବସୁଧା ଅନ୍ନ ଦେଉଛି ବୋଲି ମାଟି ପୂଜା କରିଥାଉ ଓ ନୂଆ ଅନ୍ନ ଭୋଗ କରିବା ପୂର୍ବରୁ ନୂଆଁଖାଇ ମାନିଥାଉ । ଏ ଧାରା ଯୁଗ ଯୁଗରୁ ଚାଲି ଆସିଛି ।

ନୂଆଖାଇ (ନୂଆଁଖାଇ ବା ନବାନ୍ନ ଭାବେ ମଧ୍ୟ ଜଣା) ଓଡ଼ିଶାର ପଶ୍ଚିମାଞ୍ଚଳର ଏକ ପାରମ୍ପାରିକ ପର୍ବ । ପାଞ୍ଜି ଅନୁସାରେ ଏହା ଭାଦ୍ରବ ମାସ ଶୁକ୍ଳ ପଞ୍ଚମୀ ତିଥିରେ ପାଳିତ ହୋଇଥାଏ । ଧାନ ଅମଳର ଖୁସିରେ ଚାଷୀମାନେ ଏହାକୁ ପାଳନ କରିଥାନ୍ତି । ବର୍ଷା ଶେଷ ହେବା ପରେ ଶରତ ଋତୁ ଧରା ପୃଷ୍ଠରେ ଅବତରଣ କରେ । ଏହି ସମୟରେ ଚାଷୀ ଜମିରେ ବେଉଷଣ କାର୍ଯ୍ୟ ଆରମ୍ଭ କରିଥାଏ । ପରେ ସହଳ ଅମଳକ୍ଷମ ଧାନ ଗର୍ଭଧାରଣ କରି କେଣ୍ଡା ପକେଇବାରେ କାର୍ଯ୍ୟ କରିଥାଏ । ଚାଷୀ ପ୍ରଥମଥର ଅମଳକ୍ଷମ ଧାନକୁ ଇଷ୍ଟ ଦେବୀଙ୍କ ପାଖରେ ସମର୍ପଣ କରିବା ହିଁ ନବାନ୍ନଭକ୍ଷଣ । ନୂଆଁଖାଇ ପାଳନ ନିମନ୍ତେ ଆଗରୁ 'ଲଗନ' ବା 'ତିଥି' ନିର୍ଣ୍ଣୟ କରି ପୂଜା ଆଦି ସହ ଆରିସା ପିଠା ଭୋଗ କରାଯାଇଥାଏ ।

ଡଃ ମାଙ୍ଗଳିକା ମହାପାତ୍ର
ରେଭେନସା ବିଶ୍ୱବିଦ୍ୟାଳୟ

ସାମାଜିକ ଏକତା :

ନୂଆଁଖାଇ ଏକ ଗଣପର୍ବ । ଗ୍ରାମ ବା ସହରରେ ପଡା ଅଞ୍ଚଳରେ ନୂଆଖାଇ ଦିନ ନବାନ୍ନ ଦେଇ ପୂଜାବିଧି ସମାପ୍ତ ହେବା ପରେ ପରିବାରର ମୁଖ୍ୟଙ୍କ ହାତରୁ ସମସ୍ତେ ନବାନ୍ନ ଭୋଗ ଗ୍ରହଣ କରିଥାଆନ୍ତି । ତାହା ଖାଇସାରି ପରିବାରର ସମସ୍ତ ବ୍ୟକ୍ତି ନିଜର ବୟସ୍କମାନଙ୍କୁ ଭୂମିଷ୍ଠ ପ୍ରଣାମ ସହ ଆଶୀର୍ବାଦ ଗ୍ରହଣ କରନ୍ତି । ପରେ ପିଠାପଣା ସହ ନବାନ୍ନ ଭୋଜି ଖାଇସାରି ଗ୍ରାମ ବା ପଡୋଶୀରେ ଥିବା ବୟୋଜ୍ୟେଷ୍ଠମାନଙ୍କୁ ଭେଟି ପ୍ରଣାମ କରିଥାନ୍ତି । ଏହି ସମୟରେ ଗ୍ରାମ ବା ପଡ଼ାର ଲୋକମାନେ ନିଜ ଭିତରେ ପୂର୍ବରୁ ଥିବା ଭେଦଭାବ ଭୁଲିଯାଆନ୍ତି । ପରିବାର ମଧ୍ୟରେ ଥିବା ମତଭେଦ ମଧ୍ୟ ଏହି ସମୟରେ ସମାଧାନ ହୋଇଥାଏ । ସମସ୍ତେ ପୁଣି ଏକଜୁଟ ହେଇ ରୁହନ୍ତି । ଏହା ନୂଆଁଖାଇ ପର୍ବର ଏକ ବିଶେଷତା ।

ପୂର୍ବକାଳରୁ ନବାନ୍ନ ସମୟରେ ପରିବାରର ସମସ୍ତେ ଏକାଠି ନବାନ୍ନ ଗ୍ରହଣ କରିବାର ପରମ୍ପରା ଥିଲା । ତେଣୁ ନବାନ୍ନ ଆଗରୁ ଯିଏ ଯୋଉଠି ରହୁଥିଲେ ମଧ୍ୟ ନିଜ ପୈତୃକ ଘରକୁ ଆସୁଥିଲେ । ଏବେ ଯୁଗର ପରିବର୍ତ୍ତନ ସହ ଅନେକ ଘରର ପୁଅ ଝିଅ ବୋହୂମାନେ ଘରକୁ ଆସିପାରୁ ନାହାଁନ୍ତି । ତେଣୁ ଏକ ପରମ୍ପରା ଅନୁସାରେ ସେହି କ୍ଷେତ୍ରରେ ସେହି ପରିବାର ଦଶହରାର ଅଷ୍ଟମୀ ତିଥିରେ ନବାନ୍ନ ଯଥାରୀତି ପାଳନ କରନ୍ତି ।

ଆଗ କାଳରେ ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମ ଅନୁସାରେ ନୂଆ ଖାଇବାର ଲଗ୍ନ ଧାର୍ଯ୍ୟ କରି ଭିନ୍ନ ଭିନ୍ନ ଦିନ ନୂଆ ଖାଉଥିଲେ । ଓଡ଼ିଶାର ତତ୍ କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସାରା ଓଡ଼ିଶାରେ ଗୋଟିଏ ଦିନରେ ନୂଆଁଖାଇ ପର୍ବ ପାଳନ କରାଯିବା ପାଇଁ ଘୋଷଣା କରିଥିଲେ । ଏହି ଦିନ ଓଡ଼ିଶାରେ ସରକାରୀ ଛୁଟି କରିବା ପାଇଁ ମଧ୍ୟ ଘୋଷଣା କରିଥିଲେ । ଏହି ପଦକ୍ଷେପକୁ ପଶ୍ଚିମ ଓଡ଼ିଶାର ସବୁ ମହଲରେ ଚିନ୍ତା କରାଯାଇ ସର୍ବସମ୍ମତ କ୍ରମେ ଗଣେଶ ପୂଜାର ପରଦିନ ଅର୍ଥାତ୍ ଋଷି ପଞ୍ଚମୀ ଦିନଟି ସ୍ଥିର କରାଗଲା । ପୂର୍ବାଞ୍ଚଳରେ ଏହା ଅଶ୍ୱିନ ମାସର ମହାଳୟା ତିଥି ଭିତରେ ସମ୍ପନ୍ନ କରିବାର ବିଧି ରହିଛି । କାରଣ ଏହି ନବାନ୍ନ ପିତୃ ପୁରୁଷଙ୍କୁ ପିଣ୍ଡଦାନ ରେ ବ୍ୟବହୃତ ହୋଇଥାଏ । ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଅପରପକ୍ଷେ ମହାଳୟା ପରଠାରୁ ଶ୍ରାଦ୍ଧ ଦେବାର ବ୍ୟବସ୍ଥା ଅଛି । ଏହା ସମଗ୍ର ଓଡ଼ିଶାରେ ବିଶେଷ କରି ଓଡ଼ିଶାର ପଶ୍ଚିମାଞ୍ଚଳ ଜିଲ୍ଲା ସମୂହରେ ଆଡମ୍ବର ସହକାରେ ପାଳନ କରାଯାଇଥାଏ । ବିଶେଷ କରି ଗୁଜୁରାଟର ସୁରତ୍, ଛତିଶଗଡର ରାୟପୁର, ବିଶାଖାପାଟଣା, ଚେନ୍ନାଇ, ମୁମ୍ବାଇ ଓ ଦିଲ୍ଲୀ ଆଦି ସହରରେ ଏହା ପାଳନ କରାଯାଇଥାଏ ।

ଏହି ଦିନଟିରେ ଅମୃତବେଳା ବା ଶୁଭବେଳା ଜ୍ୟୋତିଷମାନଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇ ସେହି ମୁହୂର୍ତ୍ତରେ ନୂଆ ଭାବରେ ଅମଳ କରାଯାଇଥିବା ଷାଠିଆଧାନରୁ ପ୍ରସ୍ତୁତ ଅନ୍ନକୁ ରାନ୍ଧି ଭକ୍ଷଣ କରିଥାଆନ୍ତି । ନୂଆଖାଇ ପରଦିନକୁ ନୂଆଖାଇ ବାସି ବୋଲି କୁହାଯାଏ । ଏହି ଦିନଟିକୁ ମଉଜ ମଜଲିସ୍ ର ଦିନ ଭାବେ ପାଳନ କରାଯାଏ ।

'ନୂଆଁଖାଇ ଜୁହାର ସଭିଙ୍କୁ' ।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024.
T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera